ଚତୁର୍ଥ ବର୍ଷ ● ପଞ୍ଚମ ସଂଖ୍ୟା
ଜୁଲାଇ-ଅଗଷ୍ଟ, ୨୦୧୯



ଶ୍ରୁତିନ୍ୟାସର ମୁଖପତ୍ର

# ଶ୍ରୁତିସୌରଭ

ଆଧ୍ୟାତ୍ମିକ ସାମାଜିକ ବୈଦିକ ପତ୍ରିକା (ଦ୍ୱିମାସିକ)



ବନମହୋତ୍ସବ ଅବସରରେ ଶ୍ରୁତିନ୍ୟାସର ଆଶ୍ରମ 'ବେଦଧାମ'ରେ ବୃକ୍ଷରୋପଣ




ବୃକ୍ଷରୋପଣ ଉପଲକ୍ଷେ ଯଜ୍ଞାନୁଷ୍ଠାନ










ବନମହୋତ୍ସବ ଅବସରରେ ଶ୍ରୁତିନ୍ୟାସର ଆଶ୍ରମ 'ବେଦଧାମ'ରେ ବୃକ୍ଷରୋପଣ

ସଂ ଶ୍ରୁତେନ ଗମେମହି ମା ଶ୍ରୁତେନ ବି ରାଧିଷି । (ଅଥର୍ବ.୧:୧:୪)
**ଆମେ ସର୍ବଦା ବେଦପଥର ପଥିକ ହେଉ, ବେଦପଥରୁ କଦାପି ବିଚ୍ୟୁତ ନ ହେଉ ।**


ଶ୍ରୁତିନ୍ୟାସର ମୁଖପତ୍ର

# ଶ୍ରୁତିସୌରଭ

ଆଧ୍ୟାତ୍ମିକ ସାମାଜିକ ବୈଦିକ ପତ୍ରିକା
(ଦ୍ୱିମାସିକ)

ପ୍ରତିଷ୍ଠାତା
**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

ସମ୍ପାଦକ
**ପଦ୍ମନାଭ ସ୍ୱାଇଁ**

ପରିଚାଳନା ସମ୍ପାଦକ
**ବ୍ର. ପ୍ରିୟେଶ ଦର୍ଶନାଚାର୍ଯ୍ୟ**

ସହ ସମ୍ପାଦକ
**ଆନନ୍ଦ ସାମନ୍ତରାୟ**
**ଦୁଷ୍ମନ୍ତ କିଶୋର ସ୍ୱାଇଁ**

ପରିଚାଳନା ମଣ୍ଡଳୀ
**ଇ. କୁମାର ସ୍ୱାମୀ**
**ଦଣ୍ଡପାଣି ମିଶ୍ର**
**ନିମାଇଁ ଚରଣ ସ୍ୱାଇଁ**
**ଗୌରଚନ୍ଦ୍ର ଦାସ**
**ଲଳିତମଞ୍ଜରୀ ସାହୁ**

କାର୍ଯ୍ୟାଳୟ
**ଶ୍ରୁତିନ୍ୟାସ**
**ଏଚ୍.ଆଇ.ଜି-୧୫୨, ଫେଜ୍-୭**
**ପୋ- ଶୈଳଶ୍ରୀ ବିହାର, ଭୁବନେଶ୍ୱର-୨୧**
ଚ.ଭା.: ୯୩୩୭୧୦୩୭୮୨, ୯୮୬୧୩୫୮୯୭୭
E-mail : shrutisourabha@gmail.com
Website : www.shrutinyasa.org


**ସଦସ୍ୟତା ଶୁଳ୍କ**
ପ୍ରତି ଖଣ୍ଡ : ₹୨୦/-, ବାର୍ଷିକ : ₹୧୦୦/-
ଆଜୀବନ(ଏଗାର ବାର୍ଷିକ): ₹୧୦୦୦/-


**Shruti Sourabha**
Spiritual Social Vedic Magazine
Bimonthly
Vol-4, Issue-5, July-Aug. 2019

**Webpage:**
**http://www.thearyasamaj.org/shrutisourabha**


## ସୂଚୀପତ୍ର


| | | |
|---|---|---|
| ୦୧. | ଈଶ୍ୱରଙ୍କ ନାମ 'ଓ୩ମ୍' | ୦୨ |
| ୦୨. | ଶାନ୍ତିକରଣମ୍ | ୦୬ |
| ୦୩. | ଅକାଳ ମୃତ୍ୟୁ | ୧୩ |
| ୦୪. | ସତ୍ୟାର୍ଥ ପ୍ରକାଶ | ୨୦ |


## ଏକାତ୍ମତା ସୂତ୍ର

| | | |
|---|---|---|
| ଆମର ଏକ ଧର୍ମ | - | ବୈଦିକ ଧର୍ମ |
| ଆମର ଏକ ମୂଳ ଧର୍ମଗ୍ରନ୍ଥ | - | ବେଦ |
| ଆମର ଏକ ଉପାସ୍ୟ ଦେବ | - | ଓ୩ମ୍ |
| ଆମର ଏକ ଅଭିବାଦନ | - | ନମସ୍ତେ |
| ଆମର ଏକ ଜାତି | - | ମନୁଷ୍ୟ |
| ଆମର ଏକ ସାଂସ୍କୃତିକ ପରିଚୟ | - | ଆର୍ଯ୍ୟ |
| ଆମର ଏକ ଲକ୍ଷ୍ୟ | - | କୃଣ୍ୱନ୍ତୋ ବିଶ୍ୱମାର୍ଯ୍ୟମ୍ |


ଲେଖାରେ ପ୍ରକଟିତ ବିଚାର ଲେଖକଙ୍କର ନିଜସ୍ୱ । ଏଥି ନିମନ୍ତେ ସମ୍ପାଦକ ଦାୟୀ ନୁହଁନ୍ତି ।

# ଈଶ୍ୱରଙ୍କ ନାମ 'ଓ୩ମ୍'

ପୂର୍ବାନୁକ୍ରମିକ...

ସ୍ୱାମୀ ସୁଧାନନ୍ଦ ସରସ୍ୱତୀ

**୫. ତୃପ୍ତିଦାତା —** ଆମ ଚତୁର୍ଦ୍ଦିଗରେ ଥିବା ଶବ୍ଦ, ସ୍ପର୍ଶ, ରୂପ, ରସ, ଗନ୍ଧ ଗୁଣ ବିଶିଷ୍ଟ ସାଂସାରିକ ପଦାର୍ଥର ଭୋଗରୁ ଆମକୁ ସୁଖ-ଶାନ୍ତି-ତୃପ୍ତିର ଅନୁଭୂତି ହୋଇଥାଏ । କିନ୍ତୁ ଆମ ସମସ୍ତଙ୍କ ଅନୁଭବ ଯେ ସେହି ତୃପ୍ତି କ୍ଷଣିକ ହୋଇଥାଏ, ସ୍ଥାୟୀ ରହିନଥାଏ । ସେସବୁରେ ଯେଉଁ କ୍ଷଣିକ ସୁଖ, ତୃପ୍ତିର ଅନୁଭୂତି ହୁଏ ତାହା ଏଇଥିପାଇଁ ଯେ ଅନୁକୂଳ ପଦାର୍ଥରେ ଏହି ଚଞ୍ଚଳ ମନ କିଛି ସମୟ ପାଇଁ ରମଣ କରିବାକୁ, ତଲ୍ଲୀନ ହେବାକୁ ଲାଗେ— **'ୟା ଭୋଗେଷ୍ୱିନ୍ଦ୍ରିୟୟାଣାଂ ତୃପ୍ତେରୁପଶାନ୍ତିସ୍ତତ୍‌ସୁଖମ୍'** (ଯୋଗ. ବ୍ୟାସ. ୨:୧୫) । ତେଣୁ ସେତିକି ସମୟ ପାଇଁ ତା'ର ଚଞ୍ଚଳତା ସମାପ୍ତ ହୋଇ ମନ ସ୍ଥିର ହୋଇଯିବାରୁ ଆମକୁ ସୁଖ-ଶାନ୍ତିର ଅନୁଭୂତି ହୋଇଥାଏ । କିନ୍ତୁ ଆମ ଇଚ୍ଛା ପରିବର୍ତ୍ତନଶୀଳ । ଆମେ ନୂଆ-ନୂଆ ପଦାର୍ଥ, ନୂଆ ପ୍ରକାର ଭୋଗ ଚାହିଁଥାଉ । ସାଂସାରିକ ପଦାର୍ଥ ମଧ୍ୟ ନିରନ୍ତର ପରିବର୍ତ୍ତନଶୀଳ । ପରିବର୍ତ୍ତନଶୀଳ ପଦାର୍ଥରୁ ଅପରିବର୍ତ୍ତନୀୟ, ସ୍ଥାୟୀ ସୁଖ-ଶାନ୍ତି-ତୃପ୍ତି ପ୍ରାପ୍ତ ହେବା ସମ୍ଭବ ନୁହେଁ । ଅବସ୍ଥାର ପରିବର୍ତ୍ତନରେ ମଧ୍ୟ ସେହି ପ୍ରଦାର୍ଥର ଅନୁଭୂତି ପରିବର୍ତ୍ତିତ ହୋଇଯାଇଥାଏ । ସୁସ୍ଥ ସମୟରେ ଯେଉଁ ମିଷ୍ଟାନ୍ନାଦିରୁ ସୁଖାଦିର ଅନୁଭବ ହୋଇଥାଏ, ଜ୍ୱରଆଦି ରୋଗରେ ସେସବୁ ଦେଖିଲେ ହିଁ ବାନ୍ତି ଲାଗେ । ଶୀତ ଦିନେ ଯେଉଁ ଗରମପୋଷାକ, ଉଷୁମ ଜଳ ଓ ଉଷ୍ଣ ପରିବେଶ ଦ୍ୱାରା ସୁଖ-ଶାନ୍ତି-ତୃପ୍ତିର ଅନୁଭୂତି ହୋଇଥାଏ ଖରା ଦିନେ ସେହି ସବୁ ପଦାର୍ଥ ଦ୍ୱାରା ଦୁଃଖ-ଅଶାନ୍ତି-ବ୍ୟାକୁଳତାର ଅନୁଭବ ହୋଇଥାଏ । ତା' ଛଡ଼ା ସାଂସାରିକ ପଦାର୍ଥର ସୁଖ ସହ ପରିଣାମ, ତାପ, ସଂସ୍କାର ଓ ଗୁଣବୃତ୍ତି ବିରୋଧ- ଏ ୪ ପ୍ରକାର ଦୁଃଖ ସଂଯୁକ୍ତ । ତେଣୁ ସଂସାରରୁ ସ୍ଥାୟୀ ସୁଖ-ଶାନ୍ତି, ଚରମ ଓ ପରମ ତୃପ୍ତି ଅସମ୍ଭବ । ପରମାତ୍ମା ଆନନ୍ଦସ୍ୱରୂପ — **'ରସୋ ବୈ ସଃ'** । ସେହି ପରମ ଆନନ୍ଦସ୍ୱରୂପ ପରମାତ୍ମାଙ୍କୁ ପ୍ରାପ୍ତ କରି ହିଁ ଜୀବାତ୍ମା ପୂର୍ଣ୍ଣତଃ ତୃପ୍ତି ହୋଇପାରିବ । ପରମାତ୍ମା ହିଁ ପ୍ରକୃତିରୁ ଶବ୍ଦ, ସ୍ପର୍ଶ, ରୂପ, ରସ, ଗନ୍ଧ ଗୁଣ ବିଶିଷ୍ଟ ଯାବତୀୟ ଭୋଗ୍ୟ ପଦାର୍ଥ ନିର୍ମାଣ କରି ପ୍ରାଣୀମାନଙ୍କୁ କ୍ଷଣିକ ତୃପ୍ତି ବି ଦିଅନ୍ତି ଏବଂ ସମାଧିରେ ତାଙ୍କର ସାକ୍ଷାତ୍‌କାର କରୁଥିବା ଜୀବାତ୍ମାଙ୍କୁ ବ୍ରହ୍ମାନନ୍ଦ ପ୍ରଦାନ କରି ପରିତୃପ୍ତ କରିଦିଅନ୍ତି ।

**୬. ସର୍ବଜ୍ଞ, ଜ୍ଞାନଦାତା —** ମଣିଷର ଦୁଃଖର ମୂଳ କାରଣ ହେଲା ଅଜ୍ଞାନ, ମିଥ୍ୟାଜ୍ଞାନ । ଯେଉଁ-ଯେଉଁ କ୍ଷେତ୍ରରେ ବ୍ୟକ୍ତିର ଅଜ୍ଞାନ, ମିଥ୍ୟାଜ୍ଞାନ ଥାଏ ବ୍ୟକ୍ତି ସେଇ-ସେଇ କ୍ଷେତ୍ରରେ ଅସୁବିଧାରେ ପଡ଼ିଥାଏ, କଷ୍ଟ ଉଠାଇଥାଏ । ଔଷଧ ଭରି ରହିଥିବା ଆଲମାରୀ ପାଖରେ ଥିଲେ ସୁଦ୍ଧା ରୋଗୀର ସେ ବିଷୟରେ ଜ୍ଞାନ ନ ଥିଲେ ତଦ୍ଦ୍ୱାରା ସେ ସ୍ୱ ରୋଗର ଉପଚାର କରିପାରିନଥାଏ । ମିଥ୍ୟାଜ୍ଞାନ ବା ଭ୍ରମ ମଧ୍ୟ ଦୁଃଖର ଏକ ବଡ଼ କାରଣ । ଭୁଲ୍ ଔଷଧ ସେବନ କଲେ ବି ରୋଗ ଉପଶମ ହେବା ପରିବର୍ତ୍ତେ ବଢ଼ି ଯାଇଥାଏ । ଅନିତ୍ୟକୁ ନିତ୍ୟ, ଅପବିତ୍ରକୁ ପବିତ୍ର, ଦୁଃଖକୁ ସୁଖ ଏବଂ ଜଡ଼କୁ ଚେତନ ମନେକରିବା ହେଲା ମିଥ୍ୟାଜ୍ଞାନ । ଯେଉଁ ପଦାର୍ଥ ଯେପରି ଅଟେ ତାକୁ ସେପରି ମାନିବା ତଥା ତା' ସହ ସେପରି ବ୍ୟବହାର କରିବା ହେଲା ଯଥାର୍ଥ ଜ୍ଞାନ । ଯଥାର୍ଥ ଜ୍ଞାନ ହିଁ ସଦା କଲ୍ୟାଣମୟ । ଆଲୋକ ଦ୍ୱାରା ଅନ୍ଧକାର ଦୂର ହେବା ଭଳି ଯଥାର୍ଥ ଜ୍ଞାନ ଦ୍ୱାରା ଅଜ୍ଞାନ, ମିଥ୍ୟାଜ୍ଞାନ ଦୂର ହୋଇଥାଏ । ପରମାତ୍ମା ହିଁ ସକଳ ଜ୍ଞାନ-ବିଜ୍ଞାନର ଉତ୍ସ । ମଣିଷର କଲ୍ୟାଣ ପାଇଁ ସେହି ସର୍ବଜ୍ଞ ପ୍ରଭୁ ସୃଷ୍ଟି ପ୍ରାରମ୍ଭରେ ସକଳ ଜ୍ଞାନ-ବିଜ୍ଞାନର ଭଣ୍ଡାର

'ବେଦ' ପ୍ରଦାନ କରିଛନ୍ତି । ତା' ସହ ପରମାତ୍ମା ଆମ ଅନ୍ତରରେ ବିଦ୍ୟମାନ ରହି ମଧ୍ୟ ଆମକୁ ଜ୍ଞାନ ପ୍ରଦାନ କରନ୍ତି । ବିଦ୍ୟୁତ୍‌ର ଉତ୍ସ ସହ ସଂଯୁକ୍ତ ହେଲେ ସୁପରିବାହୀ ତାର ମଧ୍ୟରେ ଯେପରି ବିଦ୍ୟୁତ୍ ସ୍ରୋତ ପ୍ରବାହିତ ହୁଏ, ସେହିପରି 'ଓମ୍' ଜପ ପୂର୍ବକ ସେହି ସର୍ବଜ୍ଞ ବିଭୁଙ୍କ ସହ ସଂଯୁକ୍ତ ହେଲେ ଆମ ଆତ୍ମାରେ ସଦ୍‌ଜ୍ଞାନର ସ୍ରୋତ, ଜ୍ଞାନ-ବିଜ୍ଞାନର ସ୍ରୋତ ଅଧିକରୁ ଅଧିକ ପ୍ରବାହିତ ହେବ ।

**୭. ସର୍ବବିଦ୍ୟମାନ, ସର୍ବବ୍ୟାପକ, ସର୍ବାନ୍ତର୍ଯ୍ୟାମୀ —** ପରମାତ୍ମା ସର୍ବବ୍ୟାପକ । କିଛି ଲୋକ ଏ ବିଚାରରେ ଅଛନ୍ତି ଯେ ମଣିଷ ଯେପରି ଏକ ସମୟରେ ଏକ ସ୍ଥାନରେ ରହେ, ତା'ର ରହିବାର ଏକ ନିବାସସ୍ଥାନ ଥାଏ, ସେହିପରି ପରମେଶ୍ୱର ଗୋଲକ, ବିଷ୍ଣୁଲୋକ, ବୈକୁଣ୍ଠ, କ୍ଷୀରସାଗର, ସପ୍ତମ ଆକାଶ, କି ଚତୁର୍ଥ ଆକାଶ ଆଦି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଅବସ୍ଥାନ କରନ୍ତି । ଆଉ କିଛି ବ୍ୟକ୍ତି ତାଙ୍କୁ ମଠ-ମନ୍ଦିର-ମସ୍‌ଜିଦ୍-ଗୀର୍ଜା-ଗୁରୁଦ୍ୱାର ପର୍ଯ୍ୟନ୍ତ ସୀମିତ ମାନନ୍ତି । ଏଥିପାଇଁ ତାଙ୍କ ଦର୍ଶନ ସକାଶେ ଏଇଠିକୁ-ସେଇଠିକୁ ଦୌଡୁଥାନ୍ତି, ଅଯଥା ଧନ୍ଦି ହେଉଥାନ୍ତି । ଈଶ୍ୱର ଏକଦେଶୀ ଅଟନ୍ତି ବୋଲି ମାନିବା ତଥା ତାଙ୍କ ସତ୍ତାକୁ ସର୍ବତ୍ର ନ ମାନିବା, ସ୍ୱୀକାର ନ କରିବା ଏବଂ ତାଙ୍କ ସର୍ବବ୍ୟାପକତାକୁ ସ୍ମରଣ ନ ରଖିବା କାରଣରୁ ମଣିଷ ଅନେକ ପାପ କରିଥାଏ । ପ୍ରଭୁଙ୍କ ସର୍ବବ୍ୟାପକତାର ଚିନ୍ତନ ହିଁ ଆମକୁ ପାପରୁ ରକ୍ଷା କରିଥାଏ । ଈଶ୍ୱରଙ୍କ ସର୍ବବିଦ୍ୟମାନତା, ସର୍ବବ୍ୟାପକତାକୁ ଆମେ ଯେତେ ମାନିଥାଉ, ବୁଝିଥାଉ, ସ୍ମୃତିରେ ରଖୁ ପାପ ପ୍ରତି ଆମର ଭୟ ସେତେ ବଢ଼ିଥାଏ, ଆମେ ଅବିଚାରିତ ରୂପେ ପାପ ପଥରେ ଅଗ୍ରସର ହୋଇନଥାଉ । ଯେତେବେଳେ ଏ ଭାବନା, ବିଚାର ସୁଦୃଢ଼ ହୋଇଯାଏ ଯେ ସେହି ସର୍ବଦ୍ରଷ୍ଟାଙ୍କୁ ଆମେ କିଛି ମଧ୍ୟ ଲୁଚାଇ ପାରିବା ନାହିଁ, ସିଏ ସର୍ବତ୍ର ପ୍ରତିକ୍ଷଣ ଆମର ପ୍ରତ୍ୟେକ ଚେଷ୍ଟାକୁ ଦେଖୁଛନ୍ତି, ସେତେବେଳେ ଆମେ ପାପ-ଅପରାଧରୁ ରକ୍ଷା ପାଇଥାଉ । ଆମ ମନରେ ସଦା ଈଶ୍ୱରଙ୍କ ସର୍ବବ୍ୟାପକ ଦଣ୍ଡାଦାତା ସ୍ୱରୂପ ଜାଗ୍ରତ ରହିଲେ ଆମ ସ୍ଥିତି ଭକ୍ତ କବି ମଧୁସୂଦନ ଭାଷାରେ ହୋଇଥାଏ —

କାହିଁ ପଳାଇବି ? କାହିଁ ଲୁଚିବି ଗୋପନେ ?
ଯେଣେ ତେଣେ ଗୃହେ ବନେ ସାଗରେ ଗଗନେ,
ଦଶଦିଗେ ଦିବାଲୋକେ ନିଶା-ଅନ୍ଧକାରେ,
ସଜନେ ବିଜନେ ସ୍ୱପ୍ନେ ଜାଗରବେଳାରେ
କି ଘୋର ବିରାଟ ଚକ୍ଷୁ ରହିଛି ଅନାଇଁ
ସଦା ମୋ ଆଡ଼କୁ ଘୋର ତ୍ରାସ ଉପୁଜାଇ ।

ଦୁର୍ଗର ଆୟସ ଦ୍ୱାର, ପାଷାଣ ପ୍ରାକାର,
ଗିରି ଗୁହା, ଅନ୍ଧକୂପ ଅବା କାରାଗାର
ହେଲେ ଭେଦି ସେହି ଚକ୍ଷୁ ଚାହିଁଛି ତରାଟି,
ଥରଇ ସର୍ବାଙ୍ଗ ମୋର, ବକ୍ଷ ଯାଏ ଫାଟି ।

ସର୍ବ ଆବରଣ ଭେଦି ମର୍ମ ଭେଦି ମୋର,
କର୍ମ-ଫଳ-ଦାତା ଧର୍ମ, କୁଳିଶ-କଠୋର,
ପାଷଣ୍ଡ-ଦଳନ, ଦଣ୍ଡଦାତା ପରାତ୍ପର;
ତୁମ୍ଭେ କି ହେ ସେହି ଚକ୍ଷୁ ବିଶ୍ୱ ଭୟଙ୍କର ?

(ପାପୀର ତ୍ରାସ)

ପରମାତ୍ମାଙ୍କୁ ଏକଦେଶୀ ବୋଲି ମାନୁଥିବା, ଲୋକେ ରାଜାଙ୍କ ଉଦାହରଣ ଦିଅନ୍ତି । ସେମାନେ କହନ୍ତି କି ରାଜା ଯେପରି ଗୋଟିଏ ସ୍ଥାନରେ ରହି ପୂରା ରାଜ୍ୟକୁ ଶାସନ କରନ୍ତି, ଈଶ୍ୱର ମଧ୍ୟ ସେହିପରି ଏକ ସ୍ଥାନରେ ରହି ସମଗ୍ର ସଂସାରକୁ ନିୟନ୍ତ୍ରଣ କରନ୍ତି । କିନ୍ତୁ ଆମକୁ ମନେ ରଖିବାକୁ ହେବ ଯେ ସୀମିତ ପଦାର୍ଥର ଗୁଣ-କର୍ମ-ସ୍ୱଭାବ ବି ସୀମିତ ହୋଇଥାଏ, ଅସୀମ ନୁହେଁ । ଏଣୁ ହିଁ ତ ରାଜା ଶାସନର ସମସ୍ତ କାର୍ଯ୍ୟ ଏକାକୀ କରି ନ ପାରି ଅନେକଙ୍କ ଉପରେ ନିର୍ଭରଶୀଳ ହୋଇଥାନ୍ତି । ଏକଦେଶୀ ହୋଇଥିବାରୁ ଏକ ସମୟରେ ରାଜ୍ୟର ପ୍ରତ୍ୟେକ ସ୍ଥାନରେ ଘଟୁଥିବା ସବୁ ଘଟଣା ଜାଣିପାରିନଥାନ୍ତି । ଅନ୍ୟର ସାକ୍ଷପ୍ରମାଣ ଉପରେ ନିର୍ଭର କରିଥାନ୍ତି । ତେଣୁ ତାଙ୍କ ନିର୍ଣ୍ଣୟ ମଧ୍ୟ ଅନେକ ସମୟରେ ତ୍ରୁଟିପୂର୍ଣ୍ଣ ହୋଇଥାଏ । ସମସ୍ତ ପଦାର୍ଥର ନିୟନ୍ତ୍ରଣ

କେବଳ ସର୍ବଶକ୍ତିମାନ୍ ସତ୍ତା ଦ୍ୱାରା ହିଁ ସମ୍ଭବ । ସର୍ବବ୍ୟାପକ ହିଁ ସର୍ବଶକ୍ତିମାନ୍ ଓ ସର୍ବଜ୍ଞ ହୋଇପାରନ୍ତି । ସିଏ ସମସ୍ତଙ୍କ ଭିତରେ ବ୍ୟାପକ ହୋଇ ପାଳନ-ପୋଷଣ-ବର୍ଦ୍ଧନ-ରକ୍ଷଣ ଆଦି କରୁଛନ୍ତି ।

ବେଦରେ ଅନେକତ୍ର ଏହାର ବର୍ଣ୍ଣନା ଅଛି । **'ସ ପର୍ଯ୍ୟଗାତ୍'** (ଯଜୁଃ. ୪୦:୮) — ସେହି ବ୍ରହ୍ମ ସର୍ବବ୍ୟାପକ । **'ସ ଓତଃ ପ୍ରୋତଶ୍ଚ ବିଭୂଃ ପ୍ରଜାସୁ'** (ଯଜୁଃ. ୩୨:୮) — ସେହି ପରମାତ୍ମା ପ୍ରଜାଙ୍କ ଭିତରେ ଓତଃପ୍ରୋତ, ଭିତରେ ବି ବିଦ୍ୟମାନ ଓ ବାହାରେ ବି ବିଦ୍ୟମାନ । **'ତଦନ୍ତରସ୍ୟ ସର୍ବସ୍ୟ ତଦୁ ସର୍ବସ୍ୟାସ୍ୟ ବାହ୍ୟତଃ'** (ଯଜୁଃ. ୪୦:୫) — ସେହି ବ୍ରହ୍ମ ସମଗ୍ର ବିଶ୍ୱବ୍ରହ୍ମାଣ୍ଡର ଭିତରେ ବି ବିଦ୍ୟମାନ ଓ ବାହାରେ ମଧ୍ୟ ବିଦ୍ୟମାନ । **'ଈଶାବାସ୍ୟମିଦଂ ସର୍ବମ୍'** (ଯଜୁଃ. ୪୦:୧) — ଏ ସାରା ସଂସାର ସେହି ଈଶ୍ୱରଙ୍କ ନିବାସ ସ୍ଥାନ, ଏ ସାରା ସଂସାରରେ ସେ ବ୍ୟାପୀ ରହିଛନ୍ତି ।

**୮. ସମସ୍ତଙ୍କ କଥା ଶୁଣନ୍ତି, ସଦୁପଦେଶ ଶୁଣାନ୍ତି, ଶ୍ରବଣ ଶକ୍ତି ଦାତା— 'ଅପାଣିପାଦୋ ଜବନୋ ଗ୍ରହୀତା ପଶ୍ୟତ୍ୟଚକ୍ଷୁଃ ସ ଶୃଣୋତ୍ୟକର୍ଣ୍ଣଃ'** (ଶ୍ୱେତାଶ୍ୱେତର. ୩:୧୯)— ସେ ନିରାକାର ସର୍ବଶକ୍ତିମାନ୍ ପରମାତ୍ମା ବିନା ହସ୍ତ-ପାଦରେ ବି ବେଗବାନ୍ ଅଟନ୍ତି । ଚକ୍ଷୁରହିତ କିନ୍ତୁ ସବୁ ଦେଖନ୍ତି । ତାଙ୍କର ଙ୍କାନ ନାହିଁ; କିନ୍ତୁ ସେ ସବୁ ଶୁଣନ୍ତି । ସେ ଆମର ପ୍ରତ୍ୟେକ ଧ୍ୱନିକୁ ଶୃଣନ୍ତି । ସିଏ ଦୁଃଖୀର ଆକୁଳ ଚିତ୍କାର, ଆର୍ତ୍ତର ବିକଳ ଡାକ ଅବଶ୍ୟ ଶୁଣନ୍ତି ।

ତା'ଛଡ଼ା ସିଏ ଶୁଣାନ୍ତି ମଧ୍ୟ । ସୃଷ୍ଟିର ପ୍ରାରମ୍ଭରେ ସିଏ ଚାରି ଜଣ ଋଷିଙ୍କ ଅନ୍ତଃକରଣରେ ବେଦ ଜ୍ଞାନ ଶୁଣାଇଥିଲେ ଯାହା କି ଶ୍ରୁତି ରୂପେ ଆଜି ଆମ ଆଗରେ ବିଦ୍ୟମାନ । ସେ ଅନ୍ତର୍ଯ୍ୟାମୀ ସ୍ୱ ସନ୍ଦେଶ ଆମକୁ ଆମ ଅନ୍ତରରେ ସର୍ବଦା ଶୁଣାଉଛନ୍ତି । ଆମେ କୌଣସି ଅଧର୍ମ, ପାପ କରିବାକୁ ଯିବା ବେଳେ ସେ ଆମ ମନରେ ଭୟ, ଶଙ୍କା, ଲଜ୍ଜାର ଉଦ୍ରେକ କରି ସେ କର୍ମରୁ ନିବୃତ୍ତ ହେବାକୁ ପରାମର୍ଶ ଦେଉଛନ୍ତି ।

ସିଏ ହିଁ ଶ୍ରବଣ ଶକ୍ତିର ଦାତା । ଶୁଣିବା ଶକ୍ତି ଦେଇ ସେ ଆମ ଉପରେ ମହାତୀ କୃପା କରିଛନ୍ତି । ଯଦି ସେ ଅଦ୍‌ଭୁତ ଶକ୍ତି ଆମ ପାଖରେ ନ ଥାନ୍ତା, ତେବେ ଆମେ ବଧିର ବି ହୋଇଥାନ୍ତେ ଏବଂ ତା' ସାଙ୍ଗକୁ ମୂକ ମଧ୍ୟ । କାରଣ ନ ଶୁଣିଲେ ଆମେ କହନ୍ତେ କ'ଣ ? ପୁଣି ଏ ମୂକ-ବଧିର ସଂସାରର ସ୍ଥିତି କ'ଣ ହୋଇଥାନ୍ତା ? ମଣିଷ ଜୀବନର ମହତ୍ତ୍ୱ ଜ୍ଞାନ ଉପରେ ପର୍ଯ୍ୟବେଶିତ । ଶ୍ରବଣ ଶକ୍ତି ବିନା ଆମେ କିପରି ଜ୍ଞାନ ପ୍ରାପ୍ତ କରିଥାଆନ୍ତେ ? ଗୁରୁଜନମାନେ ଆମକୁ ଯେଉଁ ଜ୍ଞାନ ଚର୍ଚ୍ଚା-ଆଲୋଚନା-ଉପଦେଶ ମାଧ୍ୟମରେ ଦିଅନ୍ତି କାନ ମାଧ୍ୟମରେ ହିଁ ତ ତାହା ଆମକୁ ମିଳିଥାଏ । ଏହି ଜ୍ଞାନ ଆମର ରକ୍ଷା ତଥା ସମୃଦ୍ଧି ମାଧ୍ୟମରେ କଲ୍ୟାଣ କରିଥାଏ । ଆଜିର ଭିଡ଼-ଭାଡ଼ ଯୁଗରେ ବଧିରଙ୍କ ଜୀବନ ଯେ କେତେ ବିପଦପୂର୍ଣ୍ଣ । ଶୁଣି ନ ପାରିଲେ ଆଗ-ପଛ ଗାଡ଼ି ତଳେ ପଡ଼ି ଜୀବନ ଯାଏ । ଆମେ ପ୍ରଭୁଙ୍କ ଏହି ଅନୁପମ ଦାନର ମୂଲ୍ୟ ବୁଝିବା । ଏହି ଶ୍ରବଣ ଶକ୍ତି ପରମାତ୍ମା ଆମକୁ ଦେବାର ଉଦ୍ଦେଶ୍ୟ ହେଲା ଆମର ରକ୍ଷା, କଲ୍ୟାଣ, ବିକାଶ; ଆମ ଦୁର୍ଗତି ନୁହେଁ । ଏହି କଥାକୁ ସଦା-ସର୍ବଦା ଧ୍ୟାନରେ ରଖି ଏହି କାନ ଦ୍ୱାରା ଆମେ ତାଙ୍କ ଆଜ୍ଞାନୁସାରେ **'ଭଦ୍ରଂ କର୍ଣ୍ଣେଭିଃ ଶୃଣୁୟାମ'** (ଯଜୁଃ. ୨୫:୨୧)— ଭଦ୍ର କଥା; ବେଦର ମନ୍ତ୍ର, ବେଦୋପଦେଶ, ବୀର-ବୀରାଙ୍ଗନାଙ୍କ ବୀରତ୍ୱ, ଗାଥା, ଅମର ଶହୀଦ୍‌ଙ୍କ ବଳିଦାନ କଥା, ମହାତ୍ମା-ମହାପୁରୁଷଙ୍କ ପବିତ୍ର ଜୀବନର ପ୍ରେରକ ପ୍ରସଙ୍ଗ, ସତ୍‌ସଙ୍ଗର ଚର୍ଚ୍ଚା, ପ୍ରଭୁଭକ୍ତି ସଂଗୀତ ଶୁଣିବା; ଦୀନ-ଦୁଃଖୀଙ୍କ ଆକୁଳ ଡାକ ଶୁଣିବା । କାନରେ ପରନିନ୍ଦା, ପରଚର୍ଚ୍ଚା, ଅଶ୍ଳୀଳ ସଂଗୀତ, ଅଶାଳୀନ କଥା ଶୁଣିବା ନାହିଁ । ଅନ୍ୟଥା ସେହି ସର୍ବଶକ୍ତିମାନ୍ ଆମଠାରୁ ଶ୍ରବଣ ଶକ୍ତି ହରଣ କରିନେବେ, ଆମକୁ ଶ୍ରବଣ ଶକ୍ତି ନ ଥିବା ଯୋନିକୁ ବି ପଠାଇ ଦେବେ । 'ଓମ୍' ଜପ କରି-କରି ସାଧକ ସଦା ସନ୍ମତିର ଯାଚନା କରିବା ଉଚିତ କି- 'ହେ ପ୍ରଭୋ ! ଆମେ କଦାପି ଶ୍ରବଣେନ୍ଦ୍ରିୟର ଦୁରୁପଯୋଗ ନ କରୁ ।

**୯. ସ୍ୱାମୀ, ସ୍ୱାମୀତ୍ୱ ପ୍ରଦାତା —** ପରମେଶ୍ୱର ଆମର ପତି-ଭର୍ତ୍ତା-ସ୍ୱାମୀ ଅଟନ୍ତି । ସେ ପ୍ରଜାପତି-ଗଣପତି-ନିଧିପତି-ବାଚସ୍ପତି-ବିଶ୍ୱପତି ଅଟନ୍ତି । ଆମେ ସର୍ବଦା ତାଙ୍କୁ ଆମ ଉପରେ ବିଦ୍ୟମାନ, ସର୍ବୋପରି ବିରାଜମାନ ବୋଲି ମନେ ରଖିବା ଉଚିତ । ଏ ସାରା ସଂସାର ତାଙ୍କର ତଥା ଆମକୁ ଏ ସଂସାରରେ ବ୍ୟବହାର ପାଇଁ ପଦାର୍ଥ ସବୁ ଦେଇଛନ୍ତି ଏବଂ ତା' ସାଙ୍ଗକୁ ତା'ର ସଦୁପଯୋଗର ଶିକ୍ଷା ବେଦ ମାଧ୍ୟମରେ ଦେଇଛନ୍ତି । ଆମେ ଉପଯୁକ୍ତ ରୂପେ ଆମ ଦାୟିତ୍ୱ ନିର୍ବାହ କଲେ ତାଙ୍କ ବ୍ୟବସ୍ଥାନୁସାରେ ସେ ଆମକୁ ଉଚିତ ସ୍ୱାମୀତ୍ୱ ଦିଅନ୍ତି, ଉଚିତ ପରିମାଣର ସ୍ୱତ୍ୱର ସ୍ୱାମୀ କରନ୍ତି ।

**୧୦. ଯାଚନୀୟ, ପ୍ରାର୍ଥନୀୟ —** ପରମାତ୍ମା ସମସ୍ତ ଭୌତିକ ପଦାର୍ଥର ସ୍ୱାମୀ ତଥା ସମସ୍ତ ସଦ୍‌ଗୁଣର ଭଣ୍ଡାର ଅଟନ୍ତି । ତା' ସାଙ୍ଗକୁ ସେ ପରମଦୟାଳୁ ଦାତା ବି ଅଟନ୍ତି । ଜୀବାତ୍ମାର ବହୁବିଧ ଆବଶ୍ୟକତା ରହିଛି । ଏଣୁ ରାଜା-ରଙ୍କ, ଧନୀ-ଦରିଦ୍ର ନିର୍ବିଶେଷରେ ସମସ୍ତେ ତାଙ୍କୁ ଯାଚନା, ପ୍ରାର୍ଥନା କରନ୍ତି ।

**୧୧. ସୁକର୍ମା, ଶ୍ରେଷ୍ଠ କର୍ମର ପ୍ରେରକ—** ପରମାତ୍ମା ସ୍ୱୟଂ ଶ୍ରେଷ୍ଠ କର୍ମ କରନ୍ତି । ସୃଷ୍ଟିର ଉତ୍ପତ୍ତି, ସ୍ଥିତି, ପ୍ରଳୟ, କର୍ମଫଳ ପ୍ରଦାନ ସମ୍ବନ୍ଧୀୟ ଅସଂଖ୍ୟ କର୍ମର କର୍ତ୍ତା ହୋଇଥିବାରୁ ସେ ଶତକ୍ରତୁ ଅଟନ୍ତି । ଋଗ୍‌ବେଦ ମାଧ୍ୟମରେ ପଦାର୍ଥ ସମ୍ବନ୍ଧୀୟ ଜ୍ଞାନ ପ୍ରଦାନ କରିବା ସହ ପରମେଶ୍ୱର ଯଜୁର୍ବେଦ ମାଧ୍ୟମରେ ଶ୍ରେଷ୍ଠ କର୍ମ କରିବାର ଉପଦେଶ ଦେଇଛନ୍ତି । ଆମେ ସଂସାରରେ କିପରି କର୍ମ କରିବା, କାହାକୁ ଅନୁସରଣ କରିବା ତା'ର ମାର୍ଗ ବେଦରେ ଦେଖାଇ କୁହାଯାଇଛି— **'ବିଷ୍ଣୋଃ କର୍ମାଣି ପଶ୍ୟତ ଯତୋ ବ୍ରତାନି ପସ୍ପଶେ ।'** (ଋକ୍. ୧:୨୨:୧୯) — ହେ ମନୁଷ୍ୟ ! ସର୍ବବ୍ୟାପକ, ଶୁଦ୍ଧସ୍ୱରୂପ, ଅନନ୍ତ ସାମର୍ଥ୍ୟବାନ୍ ପରମେଶ୍ୱର 'ବିଷ୍ଣୁ'ଙ୍କ ଜଗତର ଉତ୍ପତ୍ତି, ପାଳନ, ପ୍ରଳୟ, ଜୀବମାନଙ୍କୁ ନ୍ୟାୟପୂର୍ଣ୍ଣ କର୍ମଫଳ ପ୍ରଦାନ, ନିରନ୍ତର କର୍ମଶୀଳ ରହିବା ଆଦି କାର୍ଯ୍ୟକୁ ଉତ୍ତମ ରୂପେ ନିରୀକ୍ଷଣ କର । ତାଙ୍କଠାରୁ ତୁମେ ସତ୍ୟ-ନ୍ୟାୟାଚରଣ ଆଦି ଉତ୍ତମ କର୍ମ କରିବାର ପ୍ରେରଣା, ବ୍ରତ ପ୍ରାପ୍ତ କର । ଏଣୁ 'ଓ୩ମ୍' ଜପ ପୂର୍ବକ ସାଧକ ପରମାତ୍ମାଙ୍କୁ ପ୍ରାର୍ଥନା କରିବା ଉଚିତ - 'ହେ ପ୍ରଭୋ ! ଆପଣ ନ୍ୟାୟକାରୀ ଅଟନ୍ତି । ମୁଁ ମଧ୍ୟ ଜୀବନରେ ସଦା ନ୍ୟାୟାଚରଣ କରିବି । ଆପଣ ଦୟାଳୁ ଅଟନ୍ତି । ମୁଁ ମଧ୍ୟ ଦୟାଳୁ ହେବି । ତଦନୁସାରେ ସ୍ୱ ଆଚରଣ ମଧ୍ୟ କରିଚାଲିବା ଉଚିତ । ସିଏ ଦୁଃଖହର୍ତ୍ତା । ଆମେ ମଧ୍ୟ କାହାରି ଦୁଃଖ-କଷ୍ଟ ଦେଖି ଅଣଦେଖା ନ କରିବା ଉଚିତ, ଯଥାଶକ୍ତି ଦୁଃଖ-କଷ୍ଟ ଦୂର କରିବା ପାଇଁ ପ୍ରଯତ୍ନ କରିବା ଉଚିତ । **'ଆୟୁର୍ଯଜ୍ଞେନ କଳ୍ପତାମ୍'** — ଏହି ପ୍ରାଣ ଯଜ୍ଞ ଦ୍ୱାରା ସଫଳ ହେଉ । ଏହିପରି ଆତ୍ମା-ମନ-ବୁଦ୍ଧି-ଇନ୍ଦ୍ରିୟର ସଫଳତା ସୁକର୍ମ କରିବାରେ ହିଁ ଥାଏ । **'କୁର୍ବନ୍ନେବେହ କର୍ମାଣି ଜିଜୀବିଷେଚ୍ଛତଂ ସମାଃ'** (ଯଜୁଃ. ୪୦:୨)— ମଣିଷ ସଂସାରରେ ଶ୍ରେଷ୍ଠ କର୍ମ ସମ୍ପାଦନ କରି କରି ହିଁ ଶହେ ବର୍ଷ ବଞ୍ଚିବାର ଅଭିଳାଷା କରୁ ।

*ଅବଶିଷ୍ଟାଂଶ ପରବର୍ତ୍ତୀ ସଂଖ୍ୟାରେ*

❖❖❖

# ଶାନ୍ତିକରଣମ୍

ପୂର୍ବାନୁକ୍ରମିକ...

ସ୍ୱାମୀ ସୁଧାନନ୍ଦ ସରସ୍ୱତୀ

**ଓଂମ୍ ଶନ୍ନୋ ବାତଃ ପବତାଂ ଶନ୍ନସ୍ତପତୁ ସୂର୍ଯ୍ୟଃ । ଶନ୍ନଃ କନିକ୍ରଦଦ୍ଦେବଃ ପର୍ଜନ୍ୟୋଽଭି ବର୍ଷତୁ ॥ ୧୫ ॥**

**ପଦାର୍ଥ —** ହେ ପ୍ରଭୋ ! ଆପଣଙ୍କ କୃପାରୁ **(ବାତଃ)** ବାୟୁ **(ନଃ)** ଆମ ପାଇଁ **(ଶମ୍)** ସୁଖ-ଶାନ୍ତି ଦାୟକ ରୂପେ **(ପବତାମ୍)** ପ୍ରବାହିତ ହେଉ । **(ସୂର୍ଯ୍ୟଃ)** ସୂର୍ଯ୍ୟ **(ନଃ)** ଆମ ପାଇଁ **(ଶମ୍)** ସୁଖ-ଶାନ୍ତିକାରୀ **(ତପତୁ)** ଉତ୍ତାପ ପ୍ରଦାନ କରୁ । **(କନିକ୍ରଦତ୍)** ଘୋର ଗର୍ଜନ ପୂର୍ବକ **(ଦେବଃ)** ଦିବ୍ୟ ଗୁଣ-ଶକ୍ତି ସମ୍ପନ୍ନ **(ପର୍ଜନ୍ୟଃ)** ମେଘ **(ନଃ)** ଆମ ପାଇଁ **(ଶମ୍)** ସୁଖ-ଶାନ୍ତି ଦାୟିନୀ ବାରିଧାରା **(ଅଭିବର୍ଷତୁ)** ସବୁ ଦିଗରୁ ବୃଷ୍ଟି କରୁ ।

**ଭାବାର୍ଥ —** ହେ ପ୍ରଭୋ ! ଆପଣଙ୍କ କୃପାରୁ ବାୟୁ ଆମ ପାଇଁ ସୁଖ-ଶାନ୍ତିଦାୟକ ରୂପେ ପ୍ରବାହିତ ହେଉ ଅର୍ଥାତ୍ ସଦା ଶୀତଳ, ମୃଦୁ-ମନ୍ଦ ସମୀରଣ ପ୍ରବାହିତ ହେଉ, ଝଞ୍ଜାବାତ-କାଳବୈଶାଖୀ-ତୋଫାନ୍ ଆଦି ରୂପେ ନୁହେଁ । ସୂର୍ଯ୍ୟ ସୁଖ-ଶାନ୍ତିଦାୟକ ରୂପେ ତାପ ଦେଉ ଅର୍ଥାତ୍ ସୂର୍ଯ୍ୟର ତାପ ଆମ ପାଇଁ ଅନୁକୂଳ ହେଉ । ସୂର୍ଯ୍ୟତାପ ଦ୍ୱାରା ରୋଗ ନିବାରଣ କରି ଆମେ ଶାନ୍ତି ଲାଭ କରୁ । ସୂର୍ଯ୍ୟର ହାନିକାରକ ପ୍ରକୋପ ନ ପଡୁ ଆମ ଉପରେ । ଗର୍ଜନ ପୂର୍ବକ ଆକାଶରେ ଭାସମାନ ଜଳସମ୍ପନ୍ନ ମେଘ ସ୍ୱ ବୃଷ୍ଟି ଦ୍ୱାରା ଧରଣୀକୁ ଶସ୍ୟଶ୍ୟାମଳା କରୁ । କେବଳ ଗର୍ଜନ କରି ଉଡ଼ି ନ ଯାଉ । ମେଘ ସବୁ ଦିଗରୁ ବୃଷ୍ଟି କରୁ । ଯଦ୍ଦ୍ୱାରା କେଉଁଠି ବି ଜଳାଭାବରେ ଫସଲ ନଷ୍ଟ ନ ହେଉ କି କେହି ପ୍ରାଣୀ ଜଳର ଅଭାବ ଜନିତ ଦୁଃଖ ନ ପାଆନ୍ତୁ । ବର୍ଷା ଆମ ପାଇଁ ସୁଖ-ଶାନ୍ତି ଦାୟକ ହେଉ । ଅର୍ଥାତ୍ ଉଚିତ ସମୟରେ ଉଚିତ ବର୍ଷା ହେଉ । ଆବଶ୍ୟକ ସମୟରେ ବର୍ଷା ନ ହେଇ ଫସଲ ନଷ୍ଟ ନ ହେଉ, ମରୁଡ଼ି ନ ହେଉ କି ଅନାବଶ୍ୟକ ଅତ୍ୟଧିକ ବୃଷ୍ଟି ହୋଇ ଉତ୍ପନ୍ନ ଫସଲ ନଷ୍ଟ ନ ହେଉ କି ବଢ଼ିରେ ଧୋଇ ନ ଯାଉ ।

**ଓଂମ୍ ଅହାନି ଶଂ ଭବନ୍ତୁ ନଃ ଶଂ ରାତ୍ରୀଃ ପ୍ରତି ଧୀୟତାମ୍ । ଶନ୍ନଽ ଇନ୍ଦ୍ରାଗ୍ନୀ ଭବତାମବୋଭିଃ ଶନ୍ନଽ ଇନ୍ଦ୍ରାବରୁଣା ରାତହବ୍ୟା । ଶନ୍ନଽ ଇନ୍ଦ୍ରାପୂଷଣା ବାଜସାତୌ ଶମିନ୍ଦ୍ରାସୋମା ସୁବିତାୟ ଶଂୟୋଃ ॥ ୧୬ ॥**

**ପଦାର୍ଥ —** ହେ ପ୍ରଭୋ ! ଆପଣଙ୍କ କୃପାରୁ **(ନଃ)** ଆମ ପାଇଁ **(ଅହାନି)** ଦିବସ ସକଳ **(ଶମ୍)** ସୁଖ-ଶାନ୍ତିକାରୀ **(ଭବନ୍ତୁ)** ହୁଅନ୍ତୁ, **(ରାତ୍ରୀଃ)** ରାତ୍ରିଗୁଡ଼ିକ **(ଶମ୍)** ସୁଖ-ଶାନ୍ତି-କଲ୍ୟାଣକୁ **(ପ୍ରତି ଧୀୟତାମ୍)** ଧାରଣ କରନ୍ତୁ । **(ଇନ୍ଦ୍ରାଗ୍ନୀ)** ବିଦ୍ୟୁତ୍ ଓ ଅଗ୍ନି, ସୂର୍ଯ୍ୟ ଓ ଅଗ୍ନି **(ଅବୋଭିଃ)** ନିଜ ରକ୍ଷାତ୍ମକ ଉପାୟ-ସାଧନଗୁଡ଼ିକ ଦ୍ୱାରା **(ନଃ)** ଆମ ପାଇଁ **(ଶମ୍)** ସୁଖ-ଶାନ୍ତିପ୍ରଦ **(ଭବତାମ୍)** ହୁଅନ୍ତୁ । **(ରାତହବ୍ୟା)** ହବ୍ୟ ଅର୍ଥାତ୍ ଗ୍ରାହ୍ୟ ସୁଖକର ଆବଶ୍ୟକ ପଦାର୍ଥର ପ୍ରଦାତା, ଜୀବନଦାୟକ **(ଇନ୍ଦ୍ରାବରୁଣା)** ସୂର୍ଯ୍ୟ ଓ ଜଳ, ପ୍ରାଣ ଓ ଅପାନ **(ନଃ)** ଆମ ପାଇଁ **(ଶମ୍)** କଲ୍ୟାଣକାରୀ ହୁଅନ୍ତୁ । **(ବାଜସାତୌ)** ବଳ-ବୀର୍ଯ୍ୟ ବୃଦ୍ଧିକାରକ ଅନ୍ନାଦି ଭୋଗ୍ୟ ପଦାର୍ଥର ପ୍ରାପ୍ତିରେ **(ଇନ୍ଦ୍ରାପୂଷଣା)** ବିଦ୍ୟୁତ୍ ଓ ମେଘ **(ନଃ)** ଆମ ପାଇଁ **(ଶମ୍)** ସୁଖକାରକ ହୁଅନ୍ତୁ । **(ଶଂୟୋଃ)** ସୁଖ-ଶାନ୍ତି-କଲ୍ୟାଣ କାମନା କରୁଥିବା ଲୋକଙ୍କ ପାଇଁ **(ସୁବିତାୟ)** ସନ୍ମାର୍ଗରେ ଗତି ନିମନ୍ତେ ପ୍ରେରଣା ପାଇଁ

ଏବଂ ତଦ୍ଦ୍ୱାରା ଉତ୍ତମ ଧନ-ଐଶ୍ୱର୍ଯ୍ୟ ଲାଭ ନିମନ୍ତେ **(ଇନ୍ଦ୍ରସୋମା)** ସୂର୍ଯ୍ୟ ଓ ଚନ୍ଦ୍ର **(ଶମ୍)** ସୁଖପ୍ରଦ ହୁଅନ୍ତୁ ।

**ଭାବାର୍ଥ —** ହେ ପ୍ରଭୋ ! ଆପଣଙ୍କ ଅସୀମ କୃପାରୁ ଆମର ଦିନ ସୁଖରେ ବିତୁ, ରାତି ବି ଶାନ୍ତିରେ କଟୁ; ଦିନ ଆମର ସୁଖ ସାମଗ୍ରୀର ପ୍ରାପ୍ତିର ପୁରୁଷାର୍ଥରେ ବିତୁ, ରାତ୍ରିରେ ଆମକୁ ଶାନ୍ତିର ସ୍ତବ୍ଧତା, ସୁନିଦ୍ରା ପ୍ରାପ୍ତ ହେଉ । ଆମର କର୍ମ ସୁଖ-ଶାନ୍ତିଦାୟକ ହେଉ ଏବଂ ଆମ ଭୋଗ ମଧ୍ୟ ମର୍ଯ୍ୟାଦାର ସୀମା ମଧ୍ୟରେ ରହି ଶାନ୍ତିଦାୟକ ହେଉ । ଦିବସର ସମ୍ବନ୍ଧ ସୂର୍ଯ୍ୟ ସହ । ତାହାଠୁ ଆମକୁ ପ୍ରକାଶ, ଅନ୍ନାଦିର ପ୍ରାପ୍ତି, ବଳ-ବୀର୍ଯ୍ୟର ବୃଦ୍ଧି ତଥା ସନ୍ମାର୍ଗରେ ଯିବାର ଦିଗ ପ୍ରାପ୍ତ ହୁଏ ଯଦ୍ଦ୍ୱାରା ଆମେ ଉତ୍ତମ କର୍ମ କରିପାରିବା । ସୂର୍ଯ୍ୟ ଅସ୍ତ ହୋଇଯିବାର ନାମ ରାତ୍ରି । ସେ ସମୟରେ ଅଗ୍ନି, ଚନ୍ଦ୍ର ଆଦି ଆମର ପଥପ୍ରଦର୍ଶକ । ସେମାନଙ୍କ ସହଯୋଗରେ ମାର୍ଗଦର୍ଶନ ଓ ସୁଖ ପ୍ରାପ୍ତି ହୁଏ । ଯେଉଁସବୁ ପଦାର୍ଥ ଐଶ୍ୱର୍ଯ୍ୟ ସମ୍ପାଦକ ସେ ସବୁଗୁଡ଼ିକୁ ଏଠାରେ ଇନ୍ଦ୍ର ଶବ୍ଦରେ କୁହାଯାଇଛି; ଯଥା-ବିଦ୍ୟୁତ୍, ସୂର୍ଯ୍ୟ ଆଦି ।

**ଓମ୍ ଶନ୍ନୋ ଦେବୀରଭିଷ୍ଟୟଂ ଆପୋ ଭବନ୍ତୁ ପୀତୟେ । ଶଂୟୋରଭି ସ୍ରବନ୍ତୁ ନଃ ॥ ୧୭ ॥**

**ପଦାର୍ଥ — (ଦେବୀଃ)** ସର୍ବପ୍ରକାଶକ, ସର୍ବାନନ୍ଦପ୍ରଦ, **(ଆପଃ)** ସର୍ବବ୍ୟାପକ ଈଶ୍ୱର **(ଅଭିଷ୍ଟୟେ)** ମନୋବାଞ୍ଛିତ ସୁଖ ପ୍ରାପ୍ତି ପାଇଁ ଏବଂ **(ପୀତୟେ)** ପୂର୍ଣ୍ଣାନନ୍ଦ ଭୋଗ ନିମନ୍ତେ **(ନଃ)** ଆମ ପାଇଁ **(ଶମ୍)** କଲ୍ୟାଣକାରୀ **(ଭବନ୍ତୁ)** ହୁଅନ୍ତୁ । **(ନଃ)** ଆମ ଉପରେ **(ଶଂୟୋଃ)** ସୁଖ **(ଅଭି)** ସବୁ ଦିଗରୁ, ସର୍ବଥା **(ସ୍ରବନ୍ତୁ)** ବୃଷ୍ଟି କରନ୍ତୁ ।

**ଭାବାର୍ଥ —** ହେ ସର୍ବପ୍ରକାଶକ, ସର୍ବାନନ୍ଦପ୍ରଦ, ସର୍ବବ୍ୟାପକ ଈଶ୍ୱର ! ମନୋବାଞ୍ଛିତ ଲୌକିକ ସୁଖ ପ୍ରାପ୍ତି ପାଇଁ ଏବଂ ପୂର୍ଣ୍ଣାନନ୍ଦ ଅର୍ଥାତ୍ ମୋକ୍ଷର ଆନନ୍ଦ ଭୋଗ ଦ୍ୱାରା ତୃପ୍ତି ନିମନ୍ତେ ଆମ ପାଇଁ କଲ୍ୟାଣକାରୀ ହୁଅନ୍ତୁ । ହେ ପ୍ରଭୋ ! ଆମ ଉପରେ ସବୁ ଦିଗରୁ, ସର୍ବଥା ସୁଖ ବୃଷ୍ଟି କରନ୍ତୁ ।

**ଓମ୍ ଦ୍ୟୌଃ ଶାନ୍ତିରନ୍ତରିକ୍ଷଂ ଶାନ୍ତିଃ ପୃଥିବୀ ଶାନ୍ତିରାପଃ ଶାନ୍ତିରୋଷଧୟଃ ଶାନ୍ତିଃ । ବନସ୍ପତୟଃ ଶାନ୍ତିର୍ବିଶ୍ୱେ ଦେବାଃ ଶାନ୍ତିର୍ବ୍ରହ୍ମ ଶାନ୍ତିଃ ସର୍ବଂ ଶାନ୍ତିଃ ଶାନ୍ତିରେବ ଶାନ୍ତିଃ ସା ମା ଶାନ୍ତିରେଧି ॥ ୧୮ ॥**

**ପଦାର୍ଥ — (ଦ୍ୟୌଃ)** ପ୍ରକାଶମାନ୍ ସୂର୍ଯ୍ୟାଦି ଲୋକ **(ଶାନ୍ତିଃ)** ସୁଖ-ଶାନ୍ତିଦାୟକ ହେଉ, **(ଅନ୍ତରିକ୍ଷମ୍)** ଦ୍ୟୁ ଓ ପୃଥିବୀର ମଧ୍ୟବର୍ତ୍ତୀ ଆକାଶ ଲୋକ **(ଶାନ୍ତିଃ)** ସୁଖ-ଶାନ୍ତିକାରୀ ହେଉ, **(ପୃଥିବୀ)** ପୃଥିବୀ **(ଶାନ୍ତିଃ)** ନିରୁପଦ୍ରବ, ସୁଖକାରକ ହେଉ, **(ଆପଃ)** ଜଳ **(ଶାନ୍ତିଃ)** ସୁଖ-ଶାନ୍ତି ଦାୟକ ହେଉ, **(ଓଷଧୟଃ)** ଅନ୍ନ ଓ ସୋମଲତାଦି ଓଷଧି ସମୂହ **(ଶାନ୍ତିଃ)** ଶାନ୍ତିଦାୟକ ହେଉ, **(ବନସ୍ପତୟଃ)** ବନ-ଉପବନର ବୃକ୍ଷ-ବନସ୍ପତିସମୂହ **(ଶାନ୍ତିଃ)** ସୁଖ-ଶାନ୍ତି କାରକ ହେଉ, **(ବିଶ୍ୱେ ଦେବାଃ)** ସକଳ ଦିବ୍ୟ ଶକ୍ତି ସମୂହ, ସମସ୍ତ ବିଦ୍ୱାନ୍ **(ଶାନ୍ତିଃ)** ସୁଖ-ଶାନ୍ତି-କଲ୍ୟାଣକାରୀ ହୁଅନ୍ତୁ, **(ବ୍ରହ୍ମ)** ପରମେଶ୍ୱର ଓ ବେଦ ଜ୍ଞାନ **(ଶାନ୍ତିଃ)** ସୁଖ-ଶାନ୍ତି ପ୍ରଦାୟକ ହୁଅନ୍ତୁ, **(ସର୍ବମ୍)** ସଂସାରର ସକଳ ଜଡ଼-ଚେତନ ପଦାର୍ଥ **(ଶାନ୍ତିଃ)** ଶାନ୍ତିକାରକ ହୁଅନ୍ତୁ, **(ଶାନ୍ତିଃ ଏବ ଶାନ୍ତିଃ)** ଜଗତରେ ସର୍ବତ୍ର ଶାନ୍ତି ହିଁ ଶାନ୍ତି ବିରାଜମାନ କରୁ ଏବଂ **(ସା ମା ଶାନ୍ତିଃ ଏଧି)** ସେହି ଶାନ୍ତି ମୋତେ ପ୍ରାପ୍ତ ହେଉ ତଥା ନିରନ୍ତର ବୃଦ୍ଧି ପାଇଚାଲୁ ।

**ଭାବାର୍ଥ —** ହେ ପରମେଶ୍ୱର ! ଆପଣଙ୍କ କୃପାରୁ ପ୍ରକାଶମାନ୍ ସୂର୍ଯ୍ୟାଦି ଲୋକ ସୁଖ-ଶାନ୍ତିର ପ୍ରକାଶ ଦିଅନ୍ତୁ । ଅନ୍ତରିକ୍ଷ ଲୋକ ଶାନ୍ତିର ବର୍ଷା କରୁ । ପୃଥିବୀ ଉପଦ୍ରବ ରହିତ, ଶାନ୍ତ ବାତାବରଣ ସମ୍ପନ୍ନ ହେଉ । କୂଅ, ପୋଖରୀ, ନଦୀ, ନାଳ ଓ ସମୁଦ୍ରାଦିର ଜଳ ରୋଗରହିତ, ସୁଖ-ଶାନ୍ତିଦାୟକ ହେଉ । ବିବିଧ ପ୍ରକାର ଅନ୍ନ, ଶାଗ, କନ୍ଦ ଓ ସୋମଲତାଦି ଓଷଧି ସମୂହ ଶରୀରର ତ୍ରିଦୋଷ ନିବାରଣ କରି ସମ ଅବସ୍ଥା ଉତ୍ପନ୍ନ ତଥା ରୋଗ ପ୍ରତିରୋଧକ ଶକ୍ତି ବର୍ଦ୍ଧନ ପୂର୍ବକ ସୁଖ-ଶାନ୍ତି ଦାୟକ ହୁଅନ୍ତୁ । ବନ-ଉପବନର ବିରାଟ-ବିରାଟ ବୃକ୍ଷାଦି ପ୍ରାଣବାୟୁ, ଛାୟା-ଫଳ ଆଦି ପ୍ରଦାନ ପୂର୍ବକ ସୁଖ-ଶାନ୍ତି ଦାୟକ ହେଉ । ସକଳ ଦିବ୍ୟ

ଶକ୍ତି ସମୂହ ତଥା ସମସ୍ତ ବିଦ୍ୱାନ୍‌ଙ୍କ ସଦା ଅନୁକୂଳ ଆଚରଣ କରୁ । ସୁଖ-ଶାନ୍ତି-କଲ୍ୟାଣ ପ୍ରାପ୍ତ କରୁ । ହେ ପ୍ରଭୋ ! ଆପଣ ବେଦରେ ପ୍ରଦାନ କରିଥିବା ଜ୍ଞାନ-ବିଜ୍ଞାନର ଯଥାଯଥ ପ୍ରୟୋଗ ଓ ସଦାଚାରର ପାଳନ କରି ଆମେ ସର୍ବଦା ଆପଣଙ୍କ ସୁଖ-ଶାନ୍ତିର ଆଶୀର୍ବାଦ ପ୍ରାପ୍ତ କରୁଥାଉ । ସଂସାରର ସକଳ ଜଡ଼-ଚେତନ ପଦାର୍ଥ ଶାନ୍ତିକାରକ ହୁଅନ୍ତୁ । ଜଗତରେ ସର୍ବତ୍ର ଶାନ୍ତି ହିଁ ଶାନ୍ତି ପ୍ରତିଷ୍ଠିତ ହେଉ । ଏହି ଶାନ୍ତି ଆମକୁ ଅଭ୍ୟୁଦୟ ଓ ନିଃଶ୍ରେୟସର ପ୍ରାପ୍ତି ପାଇଁ ପୁରୁଷାର୍ଥର ସହାୟକ, ପ୍ରେରକ ହେଉ, ପରମଶାନ୍ତି ଆଡ଼କୁ ନେଇଚାଲୁ । ଆମେ ଆଳସ୍ୟ-ପ୍ରମାଦକୁ ଭ୍ରାନ୍ତିବଶତଃ ଶାନ୍ତି ବୋଲି ବିବେଚନା ନ କରୁ । ସଂସାରର ସର୍ବତ୍ର ପ୍ରତିଷ୍ଠିତ ଶାନ୍ତି ମୋତେ ଆନ୍ତରିକ ଶାନ୍ତି ପ୍ରଦାନ କରୁ ତଥା ମୋର ଶାନ୍ତି ଉତ୍ତରୋତ୍ତର ବୃଦ୍ଧି ପାଇଚାଲୁ ।

**ଓ୩ମ୍ ତଚ୍ଚକ୍ଷୁର୍ଦେବହିତଂ ପୁରସ୍ତାଚ୍ଛୁକ୍ରମୁଚ୍ଚରତ୍ । ପଶ୍ୟେମ ଶରଦଃ ଶତଂ ଜୀବେମ ଶରଦଃ ଶତଂ ଶୃଣୁୟାମ ଶରଦଃ ଶତଂ ପ୍ର ବ୍ରବାମ ଶରଦଃ ଶତମଦୀନାଃ ସ୍ୟାମ ଶରଦଃ ଶତଂ ଭୂୟଶ୍ଚ ଶରଦଃ ଶତାତ୍ ॥ ୧୯ ॥**

(ଯଜୁଃ. ୩୬:୮,୧୦,୧୧,୧୨,୧୭,୨୪)

**ପଦାର୍ଥ —** **(ତତ୍)** ସେହି ବ୍ରହ୍ମ **(ଚକ୍ଷୁଃ)** ସର୍ବଦ୍ରଷ୍ଟା **(ଦେବହିତମ୍)** ଦିବ୍ୟ ଗୁଣସମ୍ପନ୍ନ ଧାର୍ମିକ, ବିଦ୍ୱାନଙ୍କ ହିତକାରୀ, **(ପୁରସ୍ତାତ୍)** ସୃଷ୍ଟି ପୂର୍ବରୁ **(ଶୁକ୍ରମ୍)** ଶୁଦ୍ଧସ୍ୱରୂପ, **(ଉଚ୍ଚରତ୍)** ଉତ୍କୃଷ୍ଟ ରୂପେ ବିଜ୍ଞାନସ୍ୱରୂପରେ ସର୍ବତ୍ର ବ୍ୟାପକ ହୋଇ ଥିଲେ, ଏବେ ବି ଅଛନ୍ତି ଓ ପ୍ରଳୟ ପରେ ମଧ୍ୟ ରହିବେ । ତାହାଙ୍କୁ ହିଁ ଆମେ **(ଶତମ୍)** ଶହେ **(ଶରଦଃ)** ବର୍ଷ ପର୍ଯ୍ୟନ୍ତ **(ପଶ୍ୟେମ)** ଦେଖୁ, **(ଶତମ୍ ଶରଦଃ)** ଶହେ ବର୍ଷ ପର୍ଯ୍ୟନ୍ତ **(ଜୀବେମ)** ଜୀବିତ ରହୁ, ତାଙ୍କରି ବିଷୟରେ **(ଶତମ୍ ଶରଦଃ)** ଶତ ବର୍ଷ ପର୍ଯ୍ୟନ୍ତ **(ଶୃଣୁୟାମ)** ଆମେ ଶୁଣୁ, **(ଶତମ୍ ଶରଦଃ)** ଶହେ ବର୍ଷ ଯାଏ **(ପ୍ରବ୍ରବାମ)** ଉପଦେଶ ଦେଉ, **(ଶତମ୍ ଶରଦଃ)** ଶହେ ବର୍ଷ ପର୍ଯ୍ୟନ୍ତ **(ଅଦୀନାଃ)** ଦୀନତାରହିତ, ସ୍ୱାଧୀନ, ସ୍ୱାଭିମାନୀ ଓ ସମୃଦ୍ଧ **(ସ୍ୟାମ)** ହୋଇ ରହୁ **(ଚ)** ଏବଂ **(ଶତାତ୍ ଶରଦଃ)** ଶହେ ବର୍ଷରୁ **(ଭୂୟଃ)** ବି ଅଧିକ କାଳ ଜୀବିତ ରହି ଦେଖୁ, ଶୁଣୁ, ଉପଦେଶ ଦେଉ ଓ ସ୍ୱାଧୀନ ହୋଇ ରହୁ ।

**ଭାବାର୍ଥ —** ହେ ପରଂବ୍ରହ୍ମନ୍ ! ଆପଣ ସର୍ବଦ୍ରଷ୍ଟା; ଦିବ୍ୟ ଗୁଣ-କର୍ମ-ସ୍ୱଭାବସମ୍ପନ୍ନ ଧାର୍ମିକ, ବିଦ୍ୱାନ୍ ଓ ଉପାସକଙ୍କ ପରମ ହିତକାରୀ; ସୃଷ୍ଟି ପୂର୍ବରୁ ଶୁଦ୍ଧ, ବିଜ୍ଞାନ ସ୍ୱରୂପରେ ଉତ୍କୃଷ୍ଟ ରୂପେ ସର୍ବତ୍ର ବ୍ୟାପକ ହୋଇ ବିଦ୍ୟମାନ ଥିଲେ, ବର୍ତ୍ତମାନ ବି ଅଛନ୍ତି ତଥା ପ୍ରଳୟ ପରେ ମଧ୍ୟ ସର୍ବସାମର୍ଥ୍ୟବାନ୍ ହୋଇ ସ୍ୱ-ସ୍ୱରୂପରେ ରହିବେ । ହେ ପ୍ରଭୋ ! ଆପଣଙ୍କୁ ହିଁ ଆମେ ଶତ ବର୍ଷ ପର୍ଯ୍ୟନ୍ତ ଦେଖୁ, ଆପଣଙ୍କ ଦର୍ଶନ କରି-କରି ହିଁ ଆପଣଙ୍କ କୃପାରୁ ଶତ ବର୍ଷ ପର୍ଯ୍ୟନ୍ତ ଜୀବନଧାରଣ କରୁ, ଆପଣଙ୍କ ଗୁଣରେ ଶ୍ରଦ୍ଧାଳୁ ଓ ବିଶ୍ୱାସୀ ହୋଇ ଆପଣଙ୍କ ଗୁଣ-କୀର୍ତ୍ତିଗାଥାକୁ ଶତ ବର୍ଷ ପର୍ଯ୍ୟନ୍ତ ଶୁଣୁ ଏବଂ ଅନ୍ୟମାନଙ୍କ କଲ୍ୟାଣ ପାଇଁ ଏସବୁକୁ ଅନ୍ୟମାନଙ୍କୁ ନିତ୍ୟ ଉପଦେଶ ଦେଉ । ଏହିଭଳି ଭାବରେ ଗଭୀର ଶ୍ରଦ୍ଧା, ଦୃଢ଼ ନିଷ୍ଠା ଓ ଅଟଳ ବିଶ୍ୱାସରେ ଆପଣଙ୍କ ଉପାସନା କରି ଆପଣଙ୍କ କୃପାବଳରେ ଶତ ବର୍ଷ ପର୍ଯ୍ୟନ୍ତ ଅଦୀନ, ସ୍ୱାଧୀନ, ସ୍ୱାଭିମାନୀ ଓ ସମୃଦ୍ଧ ହୋଇ ରହୁ । ଆପଣଙ୍କ ଆଜ୍ଞାପାଳନ ଓ ଅନୁଗ୍ରହରେ ଶତାଧିକ ବର୍ଷ ପର୍ଯ୍ୟନ୍ତ ମଧ୍ୟ ଆପଣଙ୍କୁ ଦେଖୁ, ଜୀବନଧାରଣ କରୁ, ଆପଣଙ୍କ ମହିମା ଶୁଣୁ ଓ ପ୍ରବଚନ କରୁ ତଥା ସ୍ୱାଧୀନ ହୋଇ ରହୁ ।

**ଓ୩ମ୍ ଯଜ୍ଜାଗ୍ରତୋ ଦୂରମୁଦୈତି ଦୈବଂ ତଦୁ ସୁପ୍ତସ୍ୟ ତଥୈବୈତି । ଦୂରଙ୍ଗମଂ ଜ୍ୟୋତିଷାଂ ଜ୍ୟୋତିରେକଂ ତନ୍ମେ ମନଃ ଶିବସଙ୍କଳ୍ପମସ୍ତୁ ॥ ୨୦ ॥**

**ପଦାର୍ଥ—** **(ଦୈବମ୍)** ଦିବ୍ୟ ଗୁଣ-ଶକ୍ତି ଯୁକ୍ତ, ଜୀବାତ୍ମାର ମୁଖ୍ୟ ସାଧନ **(ଯତ୍)** ଯିଏ **(ଜାଗ୍ରତଃ)** ଜାଗ୍ରତ ମନୁଷ୍ୟର (ଅବସ୍ଥାରେ) **(ଦୂରମ୍)** ଦୂର-ଦୂର ପର୍ଯ୍ୟନ୍ତ **(ଉତ୍ ଐତି)** ଉଡ଼ିଯାଏ, ଚାଲିଯାଏ **(ତତ୍ ଉ)** ସେ ହିଁ

**(ସୁପ୍ତସ୍ୟ)** ସୁପ୍ତ ବ୍ୟକ୍ତିର (ଅବସ୍ଥାରେ) **(ତଥା ଏବ)** ସେହି ଭଳି **(ଏତି)** ଗତି କରେ । **(ଦୂରଂ ଗମମ୍)** ଦୂର-ଦୂରକୁ ଗମନକାରୀ, **(ଜ୍ୟୋତିଷାମ୍)** ପ୍ରକାଶକଙ୍କର ଅର୍ଥାତ୍ ବିଷୟ ସମ୍ବନ୍ଧୀୟ ଜ୍ଞାନ ପ୍ରାପ୍ତ କରାଉଥିବା ଜ୍ଞାନେନ୍ଦ୍ରିୟଙ୍କର **(ଜ୍ୟୋତିଃ)** ପ୍ରକାଶକ ଅର୍ଥାତ୍ ଆତ୍ମାକୁ ଜ୍ଞାନ ପ୍ରାପ୍ତିରେ ସାଧକ, **(ଏକମ୍)** ଏକ **(ତତ୍)** ସେହି **(ମେ)** ମୋର **(ମନଃ)** ସଙ୍କଳ୍ପ-ବିକଳ୍ପାତ୍ମକ ମନ **(ଶିବସଂକଲ୍ପମ୍)** କଲ୍ୟାଣକାରୀ ଧାର୍ମିକ ବିଚାରସମ୍ପନ୍ନ **(ଅସ୍ତୁ)** ହେଉ ।

**ଭାବାର୍ଥ —** ହେ ଦୟାସାଗର ! ଦିବ୍ୟ ଗୁଣ-ଶକ୍ତି ଯୁକ୍ତ, ଜୀବାତ୍ମାର ମୁଖ୍ୟ ସାଧନ ମୋର ଯେଉଁ ମନ ଜାଗ୍ରତ ଅବସ୍ଥାରେ ଚିନ୍ତନ କରି-କରି ଦୂର-ଦୂରାନ୍ତରକୁ ଚାଲିଯାଏ, ତଥା ନିଦ୍ରା ଅବସ୍ଥାରେ ସ୍ୱପ୍ନାଦି ଦ୍ୱାରା ଦୂର-ଦୂରାନ୍ତରରେ ପହଞ୍ଚିଯାଏ, ଦୂରକୁ ଗମନକାରୀ, ପ୍ରକାଶକଙ୍କ ଅର୍ଥାତ୍ ଶବ୍ଦାଦି ବିଷୟ ସମ୍ବନ୍ଧୀୟ ଜ୍ଞାନ ପ୍ରାପ୍ତ କରାଉଥିବା ଜ୍ଞାନେନ୍ଦ୍ରିୟଙ୍କ ପ୍ରକାଶକ ଅର୍ଥାତ୍ ଆତ୍ମାକୁ ଜ୍ଞାନ ପ୍ରାପ୍ତିରେ ସାଧକ ମୋର ସେହି ମନ ଆପଣଙ୍କ କୃପାରେ କଲ୍ୟାଣକାରୀ ଧାର୍ମିକ ବିଚାରସମ୍ପନ୍ନ ହେଉ ।

**ଓ୩ମ୍ ଯେନ କର୍ମାଣ୍ୟପସୋ ମନୀଷିଣୋ ଯଜ୍ଞେ କୃଣ୍ୱନ୍ତି ବିଦଥେଷୁ ଧୀରାଃ । ଯଦପୂର୍ବଂ ଯକ୍ଷମନ୍ତଃ ପ୍ରଜାନାଂ ତନ୍ମେ ମନଃ ଶିବସଙ୍କଲ୍ପମସ୍ତୁ ॥ ୨୧ ॥**

**ପଦାର୍ଥ—** **(ଯେନ)** ଯାହା ଦ୍ୱାରା **(ଅପସଃ)** କର୍ମଠ, କର୍ମଶୀଳ, **(ମନୀଷିଣଃ)** ମନସ୍ୱୀ, ମନନଶୀଳ, **(ଧୀରାଃ)** ଧୀର, ଧୈର୍ଯ୍ୟଶାଳୀ ବ୍ୟକ୍ତିଗଣ **(ଯଜ୍ଞେ)** ଦେବପୂଜା, ସଙ୍ଗତିକରଣ ଓ ଦାନ ଆଦି ଶୁଭକର୍ମରେ ଏବଂ **(ବିଦଥେଷୁ)** ଜ୍ଞାନ-ବିଜ୍ଞାନ ସମ୍ବନ୍ଧୀୟ କାର୍ଯ୍ୟରେ, ବିଚାରଗୋଷ୍ଠୀରେ ଅଥବା ଅନ୍ୟ ପ୍ରକାରର ସଂଗ୍ରାମରେ **(କର୍ମାଣି)** କର୍ତ୍ତବ୍ୟ କର୍ମ **(କୁର୍ବନ୍ତି)** କରନ୍ତି, **(ଯତ୍)** ଯିଏ **(ଅପୂର୍ବମ୍)** ଅପୂର୍ବ ସାମର୍ଥ୍ୟଯୁକ୍ତ, ଅନୁପମ ଗୁଣ-କର୍ମ-ସ୍ୱଭାବସମ୍ପନ୍ନ, **(ଯକ୍ଷମ୍)** ପୂଜନୀୟ, ମହିମାମୟ ଏବଂ **(ପ୍ରଜାନାମ୍)** ପ୍ରାଣୀମାନଙ୍କର **(ଅନ୍ତଃ)** ଭିତରେ ବିଦ୍ୟମାନ **(ମେ ତତ୍ ମନଃ)** ମୋର ସେହି ମନ **(ଶିବସଙ୍କଲ୍ପମ୍ ଅସ୍ତୁ)** ଶୁଭ, ଶାନ୍ତି ବିଚାରବାନ୍ ହେଉ ।

**ଭାବାର୍ଥ —** ହେ ସର୍ବାନ୍ତର୍ଯ୍ୟାମିନ୍ ! ଯେଉଁ ମନ ଦ୍ୱାରା କର୍ମନିଷ୍ଠ, କର୍ମଶୀଳ, ମନସ୍ୱୀ, ମନନଶୀଳ, ଧୀର, ଧୈର୍ଯ୍ୟଶାଳୀ, ଧ୍ୟାନନିଷ୍ଠ, ମେଧାବୀ ବ୍ୟକ୍ତିମାନେ ଦେବପୂଜା-ସଂଗତିକରଣ-ଦାନ ଆଦି ଶୁଭକର୍ମରେ, ଜ୍ଞାନ-ବିଜ୍ଞାନ ସମ୍ବନ୍ଧୀୟ କାର୍ଯ୍ୟ; ଯଥା-ବିଚାରଗୋଷ୍ଠୀ, ଚର୍ଚ୍ଚା-ଆଲୋଚନାଦିରେ ତଥା ଜୀବନର ବିବିଧ ସଂଗ୍ରାମରେ କର୍ତ୍ତବ୍ୟ କର୍ମର ଅନୁଷ୍ଠାନ କରନ୍ତି, ଆତ୍ମାର ସାଧନଗୁଡ଼ିକ ମଧ୍ୟରେ ଯିଏ ସର୍ବୋତ୍ତମ ଗୁଣ-କର୍ମ-ସ୍ୱଭାବ ସମ୍ପନ୍ନ, ମହିମାମୟ, ପ୍ରାଣୀମାନଙ୍କ ଅନ୍ତଃକରଣ ରୂପେ ଅବସ୍ଥିତ ମୋର ସେହି ମନ ଶାନ୍ତ, ଶୁଭ, ଭଦ୍ର ବିଚାରବାନ୍ ହେଉ ।

**ଓ୩ମ୍ ଯତ୍ପ୍ରଜ୍ଞାନାମୁତ ଚେତୋ ଧୃତିଶ୍ଚ ଯଜ୍ଜ୍ୟୋତି-ରନ୍ତରମୃତଂ ପ୍ରଜାସୁ । ଯସ୍ମାନ୍ନଋତେ କିଂ ଚନ କର୍ମ କ୍ରିୟତେ ତନ୍ମେ ମନଃ ଶିସଙ୍କଲ୍ପମସ୍ତୁ ॥ ୨୨ ॥**

**ପଦାର୍ଥ—** **(ଯତ୍)** ଯିଏ **(ପ୍ରଜ୍ଞାନମ୍)** ପ୍ରକୃଷ୍ଟ ଜ୍ଞାନର ସାଧନ **(ଉତ)** ଏବଂ **(ଚେତଃ)** ଚେତକ, ସ୍ମୃତିର ସାଧନ **(ଚ)** ଓ **(ଧୃତିଃ)** ଧୈର୍ଯ୍ୟର ସାଧକ, **(ଯତ୍)** ଯିଏ **(ପ୍ରଜାସୁ)** ପ୍ରାଣୀଙ୍କ **(ଅନ୍ତଃ)** ଭିତରେ **(ଅମୃତମ୍)** ଅବିନାଶୀ **(ଜ୍ୟୋତିଃ)** ପ୍ରକାଶକ ରୂପେ ବିଦ୍ୟମାନ, **(ଯସ୍ମାତ୍)** ଯାହା **(ଋତେ)** ବିନା **(କିଂ ଚନ)** କୌଣସି ବି **(କର୍ମ)** କାର୍ଯ୍ୟ **(ନ କ୍ରିୟତେ)** କରାଯାଇପାରେ ନାହିଁ **(ତତ୍ ମେ ମନଃ)** ସେହି ମୋର ମନ **(ଶିବସଙ୍କଲ୍ପମ୍ ଅସ୍ତୁ)** କଲ୍ୟାଣକାରୀ ପରମାତ୍ମାଙ୍କ ବିଚାରରେ ସଂଲଗ୍ନ ରହୁ ।

**ଭାବାର୍ଥ —** ହେ ଅମୃତସ୍ୱରୂପ ପ୍ରଭୋ ! ଯେଉଁ ମନ ପ୍ରକୃଷ୍ଟ ଜ୍ଞାନର ସାଧନ ଏବଂ ଚେତନା ସମ୍ପାଦନ-ଜାଗ୍ରତକାରୀ, ସ୍ମୃତିର ସାଧନ ଓ ବିକଟ ପରିସ୍ଥିତିରେ ବି ଧୈର୍ଯ୍ୟାଦିର ସାଧକ, ଯିଏକି ପ୍ରାଣୀମାନଙ୍କ ଅନ୍ତରରେ ଆତ୍ମାର ସାଥୀ ହୋଇଥିବାରୁ ଅମୃତ ଜ୍ୟୋତି ଅର୍ଥାତ୍ ଜୀବାତ୍ମା ଜନ୍ମ-ମରଣ ଚକ୍ରରୁ ଉଦ୍ଧାର ପାଇବା ପର୍ଯ୍ୟନ୍ତ ଅଥବା ସୃଷ୍ଟି

ପ୍ରଳୟ ହେବା ଯାଏ ଇନ୍ଦ୍ରିୟ-ଅର୍ଥ ଜ୍ଞାନର ପ୍ରକାଶକ ରୂପେ ବିଦ୍ୟମାନ, ଯାହାର ବିନା ସହାୟତାରେ କୌଣସି ବି କାର୍ଯ୍ୟ କରାଯାଇପାରେ ନାହିଁ, ମୋର ସେହି ମନ କଲ୍ୟାଣକାରୀ ପରମାତ୍ମାଙ୍କ ବିଚାରରେ ସଦା ସଂଲଗ୍ନ ରହୁ ।

**ଓ୩ମ୍ ୟେନେଦଂ ଭୂତଂ ଭୁବନଂ ଭବିଷ୍ୟତ୍-ପରିଗୃହୀତମମୃତେନ ସର୍ବମ୍ । ୟେନ ୟଜ୍ଞସ୍ତାୟତେ ସପ୍ତହୋତା ତନ୍ମେ ମନଃ ଶିବସଙ୍କଲ୍ପମସ୍ତୁ ॥ ୨୩ ॥**

**ପଦାର୍ଥ — (ୟେନ)** ଯେଉଁ **(ଅମୃତେନ)** ଅବିନାଶୀ ମନ ଦ୍ୱାରା **(ଇଦଂ)** ଏ **(ସର୍ବମ୍)** ସମସ୍ତ **(ଭୂତଂ ଭୁବନଂ ଭବିଷ୍ୟତ୍)** ଭୂତ, ବର୍ତ୍ତମାନ ଓ ଭବିଷ୍ୟତ କାଳିକ ବସ୍ତୁ ଓ ବ୍ୟବହାର **(ପରିଗୃହୀତମ୍)** ସର୍ବତଃ ଗୃହୀତ ହୁଏ, ଜଣାଯାଏ, **(ୟେନ)** ଯାହା ଦ୍ୱାରା **(ସପ୍ତହୋତା ୟଜ୍ଞଃ ତାୟତେ)** ସପ୍ତହୋତାଙ୍କ ଦ୍ୱାରା ଯଜ୍ଞ କରାଯାଏ ଅଥବା ପଞ୍ଚ ଜ୍ଞାନେନ୍ଦ୍ରିୟ, ବୁଦ୍ଧି ଓ ଆତ୍ମା ଏ ସାତୋଟି ଦ୍ୱାରା ଜ୍ଞାନ-ବିଜ୍ଞାନାଦି ବା ଶୁଭକର୍ମ ରୂପକ ଯଜ୍ଞ ବିସ୍ତାର (ସମ୍ପନ୍ନ) କରାଯାଏ, **(ତତ୍ ମେ ମନଃ)** ମୋର ସେହି ମନ **(ଶିବସଙ୍କଳ୍ପମ୍ ଅସ୍ତୁ)** ମୋକ୍ଷାଦି ଶୁଭ ବିଷୟର ବିଚାରରେ ଯୁକ୍ତ ହେଉ ।

**ଭାବାର୍ଥ —** ହେ ଜଗଦୀଶ୍ୱର ! ଯେଉଁ ଅବିନାଶୀ ଅର୍ଥାତ୍ ମୁକ୍ତି କିମ୍ବା ପ୍ରଳୟ ପର୍ଯ୍ୟନ୍ତ ଆତ୍ମା ସାଥିରେ ରହୁଥିବା ମନ ଦ୍ୱାରା ଭୂତ, ବର୍ତ୍ତମାନ ଓ ଭବିଷ୍ୟତ ଏ ତ୍ରିକାଳସ୍ଥ ସମସ୍ତ ବସ୍ତୁ ଓ ବ୍ୟବହାର ଗୃହୀତ ହୁଏ ଅର୍ଥାତ୍ ଜଣାଯାଏ, ଯେଉଁ ମନର ସହାୟତାରେ ସପ୍ତହୋତାଙ୍କ ଦ୍ୱାରା ଅଗ୍ନିହୋତ୍ରାଦି ଯଜ୍ଞ କରାଯାଏ; ଦୁଇ ଚକ୍ଷୁ, ଦୁଇ କର୍ଣ୍ଣ, ନାସିକାର ଦୁଇ ଛିଦ୍ର ଓ ମୁଖ ରୂପକ ସପ୍ତହୋତାଙ୍କ ଦ୍ୱାରା ଜୀବନଯଜ୍ଞ ବିସ୍ତାର କରାଯାଏ; ପଞ୍ଚ ଜ୍ଞାନେନ୍ଦ୍ରିୟ, ବୁଦ୍ଧି ଓ ଆତ୍ମା ରୂପୀ ସପ୍ତହୋତାଙ୍କ ଦ୍ୱାରା ଜ୍ଞାନ-ବିଜ୍ଞାନ ବା ଶୁଭକର୍ମ ରୂପକ ଯଜ୍ଞ ସମ୍ପନ୍ନ କରାଯାଏ, ମୋର ସେହି ମନ ମୋକ୍ଷାଦି ଶୁଭ ବିଷୟକ ବିଚାରରେ ଯୁକ୍ତ ହେଉ ।

**ଓ୩ମ୍ ୟସ୍ମିନ୍ନୃଚଃ ସାମ ୟଜୂଂଷି ୟସ୍ମିନ୍ ପ୍ରତିଷ୍ଠିତା ରଥନାଭାବିବାରାଃ । ୟସ୍ମିଁଶ୍ଚିତ୍ତଂ ସର୍ବମୋତଂ ପ୍ରଜାନାଂ ତନ୍ମେ ମନଃ ଶିବସଙ୍କଳ୍ପମସ୍ତୁ ॥ ୨୪ ॥**

**ପଦାର୍ଥ — (ୟସ୍ମିନ୍)** ଯେଉଁ ମନରେ **(ଋଚଃ ସାମ ୟଜୂଂଷି)** ଛନ୍ଦୋବଦ୍ଧ ମନ୍ତ୍ର, ଗୀତିଯୁକ୍ତ ମନ୍ତ୍ର, ଗଦ୍ୟାତ୍ମକ ମନ୍ତ୍ର ଅର୍ଥାତ୍ ତ୍ରିବିଧ ରଚନା ରୂପେ ବିଦ୍ୟମାନ ଋକ୍, ଯଜୁ, ସାମ ଓ ଅଥର୍ବ ଏ ଚାରି ବେଦ **(ରଥନାଭୌ)** ରଥଚକର କେନ୍ଦ୍ରରେ **(ଅରାଃ)** ଅରଗୁଡ଼ିକ **(ଇବ)** ଭଳି **(ପ୍ରତିଷ୍ଠିତାଃ)** ପ୍ରତିଷ୍ଠିତ, **(ୟସ୍ମିନ୍)** ଯେଉଁଥିରେ **(ପ୍ରଜାନାମ୍)** ପ୍ରାଣୀମାନଙ୍କର **(ସର୍ବମ୍)** ସମସ୍ତ **(ଚିତ୍ତମ୍)** ପଦାର୍ଥସମ୍ବନ୍ଧୀ ଜ୍ଞାନ **(ଓତମ୍)** ଓତ-ପ୍ରୋତ, ମାଳାରେ କଣ୍ଠି ଭଳି ସଂଯୁକ୍ତ **(ତତ୍ ମେ ମନଃ)** ସେହି ମୋର ମନ **(ଶିବସଂକଳ୍ପମ୍ ଅସ୍ତୁ)** କଲ୍ୟାଣକାରୀ ବେଦ-ବିଦ୍ୟା ବିଚାରରେ ଯୁକ୍ତ ରହୁ ।

**ଭାବାର୍ଥ —** ହେ ଜ୍ଞାନସ୍ୱରୂପ ପରମେଶ୍ୱର ! ଯେଉଁ ମନରେ ଜ୍ଞାନ, କର୍ମ ଓ ଉପାସନା- ଏ ତିନୋଟି ସମ୍ବନ୍ଧୀୟ ପଦ୍ୟାତ୍ମକ, ଗଦ୍ୟାତ୍ମକ ଓ ଗାୟନାତ୍ମକ ଏ ତ୍ରିବିଧ ରଚନା ରୂପେ ବିଦ୍ୟମାନ ଋକ୍, ଯଜୁ, ସାମ ଓ ଅଥର୍ବ ଏ ଚାରି ବେଦ ରଥଚକର ନାଭିରେ ଅରଗୁଡ଼ିକ ଭଳି ପ୍ରତିଷ୍ଠିତ ଅର୍ଥାତ୍ ସମସ୍ତ ପ୍ରକାର ଜ୍ଞାନ-ବିଜ୍ଞାନ ସ୍ଥିତ, ଯେଉଁଥିରେ ପ୍ରାଣୀମାନଙ୍କର ସମସ୍ତ ଚିନ୍ତନ, ଜ୍ଞାନ ଓତପ୍ରୋତ, ମାଳାରେ କଣ୍ଠି ଭଳି ସଂଯୁକ୍ତ, ମୋର ସେହି ମନ ଆପଣଙ୍କ କୃପାରୁ କଲ୍ୟାଣକାରୀ ବେଦ-ବିଦ୍ୟାର ବିଚାରରେ ରତ ରହୁ ।

**ଓ୩ମ୍ ସୁଷାରଥିରଶ୍ୱାନିବ ୟନ୍ମନୁଷ୍ୟାନ୍ନେନୀୟତେଽ-ଭୀଶୁଭିର୍ବାଜିନଽ ଇବ । ହୃତ୍ପ୍ରତିଷ୍ଠଂ ୟଦଜିରଂ ଜବିଷ୍ଠଂ ତନ୍ମେ ମନଃ ଶିବସଙ୍କଳ୍ପମସ୍ତୁ ॥ ୨୫ ॥** (ଯଜୁଃ. ୩୪:୧-୬)

**ପଦାର୍ଥ — (ସୁଷାରଥିଃ)** ଉତ୍ତମ କୁଶଳ ସାରଥି **(ଇବ)** ଯେପରି **(ଅଭୀଶୁଭିଃ)** ଲଗାମ ରଶିଗୁଡ଼ିକ ଦ୍ୱାରା **(ବାଜିନଃ ଅଶ୍ୱାନ୍ ଇବ)** ବଳବାନ୍, ବେଗବାନ୍ ଅଶ୍ୱଗୁଡ଼ିକୁ ବଶରେ ରଖେ ଏବଂ ଇଚ୍ଛାନୁସାରେ ଗନ୍ତବ୍ୟ ସ୍ଥାନ ଆଡ଼କୁ ନେଇଯାଏ ସେହିପରି **(ୟତ)** ଯେଉଁ ମନ

**(ମନୁଷ୍ୟାନ୍)** ମନୁଷ୍ୟାଦି ପ୍ରାଣୀଙ୍କୁ **(ନେନୀୟତେ)** ସ୍ୱ ଶକ୍ତିରେ ପୁନଃ-ପୁନଃ ଏଣେ-ତେଣେ ବୁଲାଉଥାଏ, **(ଯତ୍)** ଯିଏ **(ହୃତ୍ପ୍ରତିଷ୍ଠମ୍)** ହୃଦୟରେ ଅବସ୍ଥିତ, **(ଅଜିରମ୍)** ଜରାରହିତ, **(ଜବିଷ୍ଠମ୍)** ଅତ୍ୟନ୍ତ ବେଗବାନ୍, ଅତି ଚଞ୍ଚଳ **(ତତ୍ ମେ ମନଃ)** ମୋର ସେହି ମନ **(ଶିବସଙ୍କଳ୍ପମ୍ ଅସ୍ତୁ)** ମଙ୍ଗଳ ବିଚାର ଯୁକ୍ତ ହେଉ ।

**ଭାବାର୍ଥ —** ହେ ସର୍ବନିୟନ୍ତା ଈଶ୍ୱର ! ଉତ୍ତମ କୁଶଳ ସାରଥି ଲଗାମ୍ ଦ୍ୱାରା ବଳବାନ୍, ବେଗବାନ୍ ଘୋଡ଼ାକୁ ବଶରେ ରଖି ଇଚ୍ଛାନୁସାରେ ଗନ୍ତବ୍ୟ ସ୍ଥଳ ଆଡ଼କୁ ନେଲା ଭଳି ମନ ସ୍ୱ ଶକ୍ତି ବଳରେ ମନୁଷ୍ୟାଦିଙ୍କୁ ଏଣେ-ତେଣେ ବୁଲାଉଥାଏ । ହୃଦୟରେ ଅବସ୍ଥିତ, ଜରାରହିତ, ଶୀଘ୍ରଗାମୀ, ଅତି ଚଞ୍ଚଳ ମୋର ସେହି ମନ ଆପଣଙ୍କ କୃପାରୁ ମଙ୍ଗଳ ବିଚାରଯୁକ୍ତ ହେଉ ।

**ଓ୩ମ୍ ସ ନଃ ପବସ୍ୱ ଶଂ ଗବେ ଶଂ ଜନାୟ ଶମର୍ବତେ । ଶଂ ରାଜନ୍ନୋଷଧୀଭ୍ୟଃ ॥ ୨୬ ॥** (ସାମ. ଉତ୍ତରା. ୧ : ୧ : ୩)

**ପଦାର୍ଥ — (ରାଜନ୍)** ହେ ସର୍ବୋପରି ଦେଦୀପ୍ୟମାନ, ବିରାଜମାନ, ଜଗତର ଶାସକ ପରମାତ୍ମନ୍ ! **(ସଃ)** ଅଭୀଷ୍ଟ ପଦାର୍ଥ ପ୍ରଦାନରେ ସମର୍ଥ ସେହି ଆପଣ **(ନଃ)** ଆମକୁ **(ପବସ୍ୱ)** ପବିତ୍ର କରନ୍ତୁ । **(ଗବେ)** ଦୁଗ୍ଧ ଆଦି ପ୍ରଦାନ କରୁଥିବା ଗୋ ଆଦି ପଶୁଙ୍କ ପାଇଁ **(ଶମ୍)** ସୁଖ-ଶାନ୍ତି-କଲ୍ୟାଣ ପ୍ରଦାନ କରନ୍ତୁ । **(ଜନାୟ)** ଜନସାଧାରଣଙ୍କ ପାଇଁ **(ଶମ୍)** ସୁଖ-ଶାନ୍ତି ପ୍ରଦାନ କରନ୍ତୁ । **(ଅର୍ବତେ)** ବାହନ ପାଇଁ ଉପଯୋଗୀ ଶୀଘ୍ରଗାମୀ ଅଶ୍ୱ ଆଦି ପଶୁଙ୍କ ପାଇଁ **(ଶମ୍)** ସୁଖ-ଶାନ୍ତି ପ୍ରଦାନ କରନ୍ତୁ । **(ଓଷଧୀଭିଃ)** ଆରୋଗ୍ୟଦାୟକ ଓଷଧି-ବନସ୍ପତି ଆଦି ପାଇଁ **(ଶମ୍)** ସୁଖ-ଶାନ୍ତି ପ୍ରଦାନ କରନ୍ତୁ ।

**ଭାବାର୍ଥ —** ହେ ସର୍ବୋପରି ଦେଦୀପ୍ୟମାନ, ସର୍ବତ୍ର ବିରାଜମାନ, ଜଗତର ଶାସକ ପରମାତ୍ମନ୍ ! ଅଭୀଷ୍ଟ ପଦାର୍ଥ ପ୍ରଦାନରେ ସମର୍ଥ ଆପଣ ଆମ ମନକୁ ପବିତ୍ର କରନ୍ତୁ ଯଦ୍ଦ୍ୱାରା ଆମ ମନରେ ସର୍ବଦା ସମସ୍ତଙ୍କ କଲ୍ୟାଣର ଭାବନା, ପ୍ରାର୍ଥନା ଉଦୟ ହେବ । ଦୁଗ୍ଧ ଆଦି ଭୋଗ୍ୟ ପଦାର୍ଥ ପ୍ରଦାନ କରୁଥିବା ଗୋ ଆଦି ପଶୁଙ୍କ ପାଇଁ ସୁଖ-ଶାନ୍ତି-କଲ୍ୟାଣ ପ୍ରଦାନ କରନ୍ତୁ । ଏମାନଙ୍କ ପ୍ରତି ହିଂସା ନ ହେଉ, କାରଣ ଏମାନେ ଦୁଗ୍ଧ ଆଦି ପ୍ରଦାନ ଦ୍ୱାରା ସମଗ୍ର ସଂସାରକୁ ସୁଖ ଦେଉଛନ୍ତି । ଜନସାଧାରଣଙ୍କ ପାଇଁ ସୁଖ-ଶାନ୍ତି ପ୍ରଦାନ କରନ୍ତୁ । ସମସ୍ତଙ୍କ ଜୀବନ ସୁରକ୍ଷିତ, ସୁଖୀ ଓ ସମୃଦ୍ଧ ହେଉ । ବାହନ ରୂପେ ଉପଯୋଗୀ ଶୀଘ୍ରଗାମୀ ଅଶ୍ୱ ଆଦି ପଶୁଙ୍କ ପାଇଁ ସୁଖ-ଶାନ୍ତି ପ୍ରଦାନ କରନ୍ତୁ । ସେମାନଙ୍କ ଠାରୁ ଉପକୃତ ହୋଇ ସମାଜ ସେମାନଙ୍କ ପ୍ରତି ଅକୃତଜ୍ଞ, ନିର୍ମମ ନ ହେଉ । ସେମାନଙ୍କ ସେବା-ଯତ୍ନ, ଖାଦ୍ୟ-ପାନୀୟ-ଚିକିତ୍ସାର ସମୁଚିତ ବ୍ୟବସ୍ଥା ରହୁ । ହେ ପ୍ରଭୋ ! ଓଷଧି-ବନସ୍ପତି ଆଦି ପାଇଁ କଲ୍ୟାଣକାରୀ ହୁଅନ୍ତୁ । ଅର୍ଥାତ୍ ଆମକୁ ସଦା ସତ୍ ପ୍ରେରଣା ଦିଅନ୍ତୁ ଯଦ୍ଦ୍ୱାରା ଆମେ ବନ-ଉପବନର ଉଚିତ ସୁରକ୍ଷା କରୁ । ଉତ୍ତମ ବାତାବରଣ ଦ୍ୱାରା ଏସବୁରେ ଆରୋଗ୍ୟ, ବଳ, ମେଧା ବର୍ଦ୍ଧକ ଶକ୍ତି ପରିପୂର୍ଣ୍ଣ ରହୁ ।

**ଓ୩ମ୍ ଅଭୟଂ ନଃ କରତ୍ୟନ୍ତରିକ୍ଷମଭୟଂ ଦ୍ୟାବାପୃଥିବୀ ଉଭେ ଇମେ । ଅଭୟଂ ପଶ୍ଚାଦଭୟଂ ପୁରସ୍ତାଦୁତ୍ତରାଦଧରାଦଭୟଂ ନୋ ଅସ୍ତୁ ॥ ୨୭ ॥**

**ପଦାର୍ଥ—** ହେ ପ୍ରଭୋ ! ଆପଣ କୃପାପୂର୍ବକ **(ନଃ)** ଆମ ପାଇଁ **(ଅନ୍ତରିକ୍ଷମ୍)** ଅନ୍ତରିକ୍ଷକୁ **(ଅଭୟ)** ଭୟରହିତ **(କରତି-କରତ = କୁର୍ଯାତ୍)** କରନ୍ତୁ । **(ଇମେ)** ଏ **(ଉଭେ)** ଉଭୟ **(ଦ୍ୟାବାପୃଥିବୀ)** ଦ୍ୟୁଲୋକ ଓ ପୃଥିବୀ ଲୋକକୁ **(ଅଭୟମ୍)** ଅଭୟ କରନ୍ତୁ । **(ନଃ)** ଆମକୁ **(ପଶ୍ଚାତ୍)** ପଛରୁ, ପରୋକ୍ଷ ବା ଅଦୃଶ୍ୟ ସ୍ଥାନରୁ, ପଶ୍ଚିମରୁ **(ଅଭୟମ୍)** ଅଭୟ ପ୍ରାପ୍ତ ହେଉ; **(ପୁରସ୍ତାତ୍)** ସମ୍ମୁଖରୁ, ପ୍ରତ୍ୟକ୍ଷ ସ୍ଥାନରୁ, ପୂର୍ବରୁ **(ଅଭୟମ୍)** ଅଭୟ ପ୍ରାପ୍ତ ହେଉ; **(ଉତ୍ତରାତ୍)** ଉପରୁ, ଉତ୍ତର ଦିଗରୁ ଓ **(ଅଧରାତ୍)** ନିମ୍ନ ଭାଗରୁ, ଲୁକ୍କାୟିତ ସ୍ଥାନରୁ, ଦକ୍ଷିଣ ଦିଗରୁ **(ଅଭୟମ୍)** ଅଭୟ **(ଅସ୍ତୁ)** ପ୍ରାପ୍ତ ହେଉ ।

**ଭାବାର୍ଥ —** ହେ ପରମେଶ୍ୱର ! ଆପଣ କୃପାପୂର୍ବକ ଆମ ପାଇଁ ଅନ୍ତରିକ୍ଷ ଲୋକକୁ ଅର୍ଥାତ୍ ବାୟୁ-ବିଦ୍ୟୁତ୍-

ମେଘ ସମ୍ବଳିତ ମଧ୍ୟବର୍ତ୍ତୀ ଆକାଶକୁ ଭୟରହିତ କରନ୍ତୁ । ଏ ସ୍ଥାନରୁ ଆମକୁ କୌଣସି ଭୟ ପ୍ରାପ୍ତ ନ ହେଉ । ଦ୍ୟୁଲୋକ ଓ ପୃଥିବୀ ଲୋକ ଆମ ପାଇଁ ନିର୍ଭୟ ହେଉ । ଆମକୁ ପଛରୁ, ପରୋକ୍ଷ ଅର୍ଥାତ୍ ଅଦୃଶ୍ୟ ସ୍ଥାନରୁ, ପଶ୍ଚିମ ଦିଗରୁ; ସମ୍ମୁଖରୁ, ପ୍ରତ୍ୟକ୍ଷ ସ୍ଥାନରୁ, ପୂର୍ବଦିଗରୁ; ଉପରୁ, ଅତ୍ୟୁଚ୍ଚ ଗିରି-ପର୍ବତାଦିରୁ, ଉତ୍ତର ଦିଗରୁ ଏବଂ ନିମ୍ନ ପ୍ରଦେଶରୁ, ଗର୍ତ୍ତ-ଗହ୍ୱରାଦି ଲୁକ୍କାୟିତ ସ୍ଥାନରୁ, ଦକ୍ଷିଣ ଦିଗରୁ ଅଭୟ ପ୍ରାପ୍ତ ହେଉ । ଆମକୁ ସମସ୍ତ ପ୍ରାକୃତିକ ପଦାର୍ଥରୁ, ସବୁ ଦିଗରୁ, ସବୁ ସ୍ଥାନରୁ, ସର୍ବଦା ଭୟରହିତ ବାତାବରଣ ପ୍ରାପ୍ତ ହେଉ । ଆମେ ସ୍ୱ କର୍ମ ମଧ୍ୟ ଏପରି କରୁ ଯଦ୍ୱାରା ଆମକୁ କେଉଁଠାରେ ବି କେବେ ଭୟଗ୍ରସ୍ତ ହେବାକୁ ନ ପଡୁ ।

**ଓ୩ମ୍ ଅଭୟଂ ମିତ୍ରାଦଭୟମମିତ୍ରାଦଭୟଂ ଜ୍ଞାତାଦଭୟଂ ପରୋକ୍ଷାତ୍ । ଅଭୟଂ ନକ୍ତମଭୟଂ ଦିବା ନଃ ସର୍ବା ଆଶା ମମ ମିତ୍ରଂ ଭବନ୍ତୁ ॥ ୨୮ ॥**

(ଅଥର୍ବ. ୧୯:୧୫:୫,୬)

**ପଦାର୍ଥ—** ହେ ପ୍ରଭୋ ! ଆପଣଙ୍କ କୃପାରୁ **(ନଃ)** ଆମକୁ **(ମିତ୍ରାତ୍)** ମିତ୍ରଠାରୁ **(ଅଭୟମ୍)** ଅଭୟ ହେଉ, **(ଅମିତ୍ରାତ୍)** ଅମିତ୍ର, ଶତ୍ରୁ ଠାରୁ ମଧ୍ୟ **(ଅଭୟମ୍)** ଭୟ ନ ରହୁ । **(ଜ୍ଞାତାତ୍)** ଜ୍ଞାତ, ଚିହ୍ନା-ପରିଚିତ ଲୋକଙ୍କଠାରୁ ଏବଂ ଇନ୍ଦ୍ରିୟଗୋଚର ପଦାର୍ଥଠାରୁ **(ଅଭୟମ୍)** ଅଭୟ ମିଳୁ, **(ପରୋକ୍ଷାତ୍)** ଅଜ୍ଞାତ, ଅପରିଚିତ, ପରୋକ୍ଷ ଲୋକଙ୍କଠାରୁ ଏବଂ ଅପ୍ରତ୍ୟକ୍ଷ, ଅତୀନ୍ଦ୍ରିୟ ପଦାର୍ଥଠାରୁ **(ଅଭୟମ୍)** ଅଭୟ ପ୍ରାପ୍ତ ହେଉ । **(ନକ୍ତମ୍)** ରତ୍ରି, ଅନ୍ଧକାର **(ଅଭୟମ୍)** ଭୟରହିତ ହେଉ, **(ଦିବା)** ଦିବସ, ପ୍ରକାଶ **(ଅଭୟମ୍)** ନିର୍ଭୟ ହେଉ । **(ସର୍ବା)** ସକଳ **(ଆଶା)** ଦିଗ **(ମମ)** ମୋର **(ମିତ୍ରମ୍)** ମିତ୍ର (ଭବନ୍ତୁ) ହୋଇଯାନ୍ତୁ ।

**ଭାବାର୍ଥ —** ହେ ପରମାତ୍ମନ୍ ! ଆପଣଙ୍କ କୃପାରୁ ଆମକୁ ମିତ୍ର-ଶତ୍ରୁ-ଉଦାସୀନ; ଜ୍ଞାତ-ଅଜ୍ଞାତ, ପରିଚିତ-ଅପରିଚିତ ସମସ୍ତଙ୍କଠାରୁ ନିର୍ଭୟତା ପ୍ରାପ୍ତ ହେଉ, କେହି ଆମର ଅକଲ୍ୟାଣ କରି ନ ପାରନ୍ତୁ । ଆମକୁ ପ୍ରତ୍ୟକ୍ଷ-ପରୋକ୍ଷ, ଇନ୍ଦ୍ରିୟଗୋଚର-ଅତୀନ୍ଦ୍ରିୟ ସକଳ ପଦାର୍ଥଠାରୁ ଅଭୟ ପ୍ରାପ୍ତ ହେଉ । ରାତିର ଅନ୍ଧକାର ଓ ଦିନର ପ୍ରକାଶ ଉଭୟରେ ଆମେ ଭୟଶୂନ୍ୟ ରହୁ । ସବୁ ଦିଗ ମୋର ମିତ୍ର ହୋଇଯାଆନ୍ତୁ, ସବୁ ଦିଗର ନିବାସୀ ମୋର ମିତ୍ର ହୁଅନ୍ତୁ, ସର୍ବତ୍ର ମୋର ମିତ୍ର ରହନ୍ତୁ । ଆପଣଙ୍କ ଦୟାରୁ ଆମକୁ ସବୁ ଦିଗରୁ, ସବୁ ସ୍ଥାନରୁ ସର୍ବଦା ଅଭୟ ପ୍ରାପ୍ତ ହେଉ ଏବଂ ଆମେ ସଦା ନିର୍ଭୟ ରହୁ । ଏହି ଭଳି ଆମେ ସଦା ସୁଖ-ଶାନ୍ତିରେ ରହୁ ।

ଏଠାରେ କେତେକ ବିଶେଷ କଥା ଧ୍ୟାନ ଦେବା ଯୋଗ୍ୟ । ମିତ୍ରଠାରୁ ଅଭୟ, ଜ୍ଞାତରୁ ଅଭୟ, ଦିନରେ ଅଭୟ କଥନର ବିଶେଷ ଅର୍ଥ ଅଛି । ଶତ୍ରୁଠାରୁ ତ ମଣିଷ ପ୍ରାୟତଃ ସାବଧାନ ରହେ; କିନ୍ତୁ ମିତ୍ର ପ୍ରତି ସାଧାରଣତଃ ସତର୍କ ରହିନଥାଏ । ବାହାରେ ମିତ୍ର ଓ ଭିତରେ ଶତ୍ରୁ ପ୍ରବୃତ୍ତିର ଲୋକ ବି ଥାଆନ୍ତି । ଅଣ୍ଟି ଛୁରୀ ତଣ୍ଟି କାଟେ ଭଳି ସେମାନେ ବିଶ୍ୱାସଘାତ କରି ପଛରୁ ଛୁରିକାଘାତ କରିଥାନ୍ତି । ଅଜ୍ଞାତ-ଅପରିଚିତ ଲୋକଙ୍କ ପ୍ରତି ତ ଆମେ ସତର୍କ-ସାବଧାନ ରହିଥାଉ; କିନ୍ତୁ ଜ୍ଞାତ-ପରିଚିତ ବ୍ୟକ୍ତି ପ୍ରତି ସତର୍କ ରହିନଥାଉ ଏବଂ ଏଥିପାଇଁ ଅନେକ ସମୟରେ ବହୁତ ବଡ଼ ସମସ୍ୟାରେ ପଡ଼ିଥାଉ । ରାତିରେ ତ ମଣିଷ ଧନ-ଜୀବନର ସୁରକ୍ଷା ପାଇଁ ସୁରକ୍ଷିତ ଉପାୟ ଅବଲମ୍ବନ କରିଥାଏ; କିନ୍ତୁ ଦିନରେ ବିଶେଷ ସାବଧାନ ନ ହେବାରୁ ସେ ସମୟରେ ଅନେକ ସମୟରେ ତା' ଘରେ କଳାକନା ବୁଲାଇ ଦିଆଯାଇଥାଏ । ଏଣୁ ଏ ବେଦ-ମନ୍ତ୍ରରେ ମିତ୍ର-ଅମିତ୍ର, ଜ୍ଞାତ-ଅଜ୍ଞାତ, ଦିନ-ରାତି ସବୁ ସ୍ଥିତି ପ୍ରତି ସତର୍କ-ସାବଧାନ ହୋଇ ସମୁଚିତ ବ୍ୟବସ୍ଥା କରି ଭୟଶୂନ୍ୟ ରହିବାକୁ ପରାମର୍ଶ ଦିଆଯାଇଛି ।

❖❖❖

ସିଦ୍ଧାନ୍ତ ଚର୍ଚ୍ଚା:

# ଅକାଳ ମୃତ୍ୟୁ

**ପଣ୍ଡିତ ଗଙ୍ଗାପ୍ରସାଦ ଉପାଧ୍ୟାୟ**

ମୋ ପାଖକୁ ଏପରି ଅନେକ ପତ୍ର ଆସିଥାଏ ଯେଉଁଥିରେ ପ୍ରଶ୍ନ କରାଯାଇଥାଏ ଯେ ଅକାଳ ମୃତ୍ୟୁ ହୋଇଥାଏ ନା ନାହିଁ? ମୁଁ ମୋର 'କର୍ମଫଳ ସିଦ୍ଧାନ୍ତ' ପୁସ୍ତକରେ ଏ ବିଷୟରେ ବର୍ଣ୍ଣନା କରିଛି । ଏଠାରେ ସାମାନ୍ୟ କିଛି ବିଚାର ପ୍ରସ୍ତୁତ କରୁଛି ।

ଜଣା ନାହିଁ ଏପରି ପ୍ରଶ୍ନ କିପରି ଉଠିଲା ଯେ କାଳର ମୃତ୍ୟୁ ସହିତ କ'ଣ ସମ୍ବନ୍ଧ ରହିଛି ଏବଂ ଏହି ପ୍ରଶ୍ନ କାହିଁକି କରାଯାଏ ଯେ ମୃତ୍ୟୁ ଅ-କାଳ ହୁଏ ନା ସ-କାଳ? ଏହି ପ୍ରଶ୍ନର ପୃଷ୍ଠଭୂମି କ'ଣ? କାଳ କୌଣସି ଘଟଣାର ନା ଉପାଦାନ କାରଣ, ନା ନିମିତ୍ତ କାରଣ । ଏକା କାଳ(ସମୟ)ରେ ଅନେକ ଘଟଣା ଘଟିଥାଏ, ଯେପରିକି ଆଜି ଦିନରେ କେତେ ଯେ ଜନ୍ମ ହେଲେ, କେତେ ଯେ ମୃତ୍ୟୁର ଶିକାର ହେଲେ; କେତେ ହାରିଲେ, କେତେ ଜିତିଲେ; କେତେ ହରେଇଲେ, କେତେ ଯେ ପାଇଲେ ।

ଏହା ସତ୍ୟ ଯେ ପ୍ରତ୍ୟେକ ଘଟଣା ପାଇଁ କାଳ ଆବଶ୍ୟକ । ଅମୁକ ଘଟଣା କେବେ ଘଟିଲା? ଯଦି କାଳ ନଥାନ୍ତା ତେବେ ଆମେ କେତେବେଳେ ଶବ୍ଦର ପ୍ରୟୋଗ କରନ୍ତେ ନାହିଁ । ଯଦି କେତେବେଳେ ଶବ୍ଦର ପ୍ରୟୋଗ ନ ହୁଅନ୍ତା ତେବେ କେବେହେଲେ ଶବ୍ଦର ପ୍ରୟୋଗ ବି ହୁଅନ୍ତା ନାହିଁ, ଅର୍ଥାତ୍ ଯଦି କାଳର ସମ୍ବନ୍ଧ ସେହି ଘଟଣାରୁ ହଟାଇ ଦିଆଯାଏ ତେବେ ଏହା କୁହାଯିବ କି ଏହି ଘଟଣା କେବେ ବି ହୋଇନଥିଲା । 'ଏହି ଘଟଣା ଘଟିଛି, ଏହି ଘଟଣା କେବେ ବି ଘଟି ନାହିଁ' - ଏ ଦୁଇ ବାକ୍ୟର ସଙ୍ଗତି କିପରି ଲାଗିବ? ତେବେ ଏଠାରେ ପ୍ରଶ୍ନ ଉଠେ କି କାଳ କୌଣସି କାର୍ଯ୍ୟର କାରଣ ଅଟେ ନା ନାହିଁ ଏବଂ ଯଦି ଅଟେ ତେବେ ନିମିତ୍ତ କାରଣ ନା ଉପାଦାନ କାରଣ? ଯଦି ଉଭୟ ନୁହେଁ ତେବେ କ'ଣ କାରଣର କୌଣସି ତୃତୀୟ ଶ୍ରେଣୀ ରହିଛି ।

ଆଜି ଆଲ୍‌ହାବାଦରେ ଭିନ୍ନଭିନ୍ନ ୫୦ଟି ଘଟଣା ଘଟିଛି । ସେ ସବୁର କାଳ ହେଉଛି ଆଜି, ଅର୍ଥାତ୍ ସେ ସବୁ ସମକାଳୀନ ଅଟନ୍ତି । ସେମାନଙ୍କ ଦେଶ(ସ୍ଥାନ) ଆଲ୍‌ହାବାଦ ଅର୍ଥାତ୍ ସେ ସବୁ ସମଦେଶୀ ଅଟନ୍ତି । ଅତଃ ନା 'ଆଜି' ହେଉଛି ସେହି ଘଟଣାଗୁଡ଼ିକର କାରଣ ନା 'ଆଲ୍‌ହାବାଦ' । ଏଣୁ ଦେଶ ଓ କାଳ ନା ତ ଉପାଦାନ କାରଣ ନା ନିମିତ୍ତ କାରଣ । ସେ ଦୁଇଟିକୁ ଏକ ତୃତୀୟ କାରଣ କୁହାଯାଏ ଯାହାର ନାମ ସାଧାରଣ କାରଣ । ସାଧାରଣ କାରଣ କୌଣସି ଘଟଣାର ହେତୁ ଜାଣିବାରେ ସହାୟତା କରେ ନାହିଁ । କପିଳମୁନି ସାଂଖ୍ୟ ଦର୍ଶନରେ ଦୁଃଖର କାରଣର ମୀମାଂସା କରି ସ୍ପଷ୍ଟ ରୂପେ ଉଲ୍ଲେଖ କରିଛନ୍ତି କି ଦେଶ ଓ କାଳ କୌଣସି ଦୁଃଖର ହେତୁ ହୋଇପାରନ୍ତି ନାହିଁ —

**ନ କାଳଯୋଗତୋ ବ୍ୟାପିନୋ ନିତ୍ୟସ୍ୟ ସର୍ବସମ୍ବନ୍ଧାତ୍ ।**
**ନ ଦେଶଯୋଗତୋଽପ୍ୟସ୍ମାତ୍ ।**

(ସାଂଖ୍ୟ. ୧:୧୨,୧୩)

ଏଥିପାଇଁ ମୃତ୍ୟୁ ସହ କାଳର ସମ୍ବନ୍ଧ ଯୋଡ଼ିବା ଓ ଏହି ପ୍ରଶ୍ନ ପଚାରିବା କି ମୃତ୍ୟୁ ସ-କାଳ ହୋଇଥାଏ ନା ଅ-କାଳ, ଅନର୍ଗଳ ଓ ନିରର୍ଥକ ଅଟେ ।

ମୃତ୍ୟୁ କିପରି ବସ୍ତୁ? ଶରୀର ଓ ଆତ୍ମାର ସଂଯୋଗକୁ

'ଜନ୍ମ' ବା ଜୀବନ କୁହାଯାଏ ଏବଂ ସେ ଉଭୟର ବିଯୋଗକୁ 'ମୃତ୍ୟୁ' କୁହଯାଏ । ସଂଯୋଗର ଏକ ଆରମ୍ଭ ବିନ୍ଦୁ ରହିଛି । ପ୍ରତ୍ୟେକ ଆରମ୍ଭର ଶେଷ ରହିଥାଏ । ସାଦି ବସ୍ତୁ ସାନ୍ତ ହୋଇଥାଏ । କୌଣସି ସାଦି ବସ୍ତୁ ଅନନ୍ତ ହୋଇପାରେ ନାହିଁ । ଗୋଟିଏ କୂଳ ଥାଇ କୌଣସି ନଦୀ ନ ଥାଏ, ଏଣୁ ଯିଏ ଜନ୍ମ ହୋଇଛି ସିଏ ଅବଶ୍ୟ ମରିବ । ଏପରି କୌଣସି ଶୁଭ ବା ଅଶୁଭ କର୍ମ ନାହିଁ ଯାହା ମୃତ୍ୟୁକୁ ରୋକି ଦେଇ ପାରିବ । ଏହା ତ ଏପରି ଏକ ପ୍ରାକୃତିକ ବ୍ୟବସ୍ଥା ଯେ ଯାହାର ଆଦି ରହିଛି ତାହାର ଅନ୍ତ ନିଶ୍ଚୟ ହେବ । ଏହା ହିଁ ମୃତ୍ୟୁର ମୁଖ୍ୟ କାରଣ ।

ବର୍ତ୍ତମାନ ପ୍ରଶ୍ନ ଏହା ଉଠୁଛି କି ଯଦ୍ୟପି ଜନ୍ମ ଗ୍ରହଣ କରିଥିବା ପ୍ରତ୍ୟେକଙ୍କର ମୃତ୍ୟୁ ନିଶ୍ଚିତ, ତଥାପି ପ୍ରାକୃତିକ ନିୟମ ଏହା ତ କହେ ନାହିଁ ଯେ ଜନ୍ମର ଠିକ୍ ଏତିକି ହିଁ ଦିନ ପରେ ମୃତ୍ୟୁ ଅବଶ୍ୟ ହେବ । ମଶାଙ୍କର ଜୀବନକାଳ ଅତି ଅଳ୍ପ ହୋଇଥାଏ । ବିଭିନ୍ନ ପଶୁମାନଙ୍କର ଜୀବନକାଳ ଭିନ୍ନ-ଭିନ୍ନ ହୋଇଥାଏ । ତା'ଛଡ଼ା ଏକ ପ୍ରକାର ଜୀବଜନ୍ତୁ ବି ଭିନ୍ନ-ଭିନ୍ନ ସମୟରେ ମରିଥାନ୍ତି । ମନୁଷ୍ୟ ଜନ୍ମ ହୋଇ ଦୁଇ ଦିନରେ ବି ମରିଥାଏ ଏବଂ ୧୦୦ ବର୍ଷରେ ବି । ଏଥିରେ କାହାକୁ ସ-କାଳ କହିବା ଆଉ କାହାକୁ ଅ-କାଳ ଏବଂ କେଉଁ ଆଧାରରେ ? କୌଣସି ବ୍ୟକ୍ତିର ସନ୍ତାନ ୨୦ ବର୍ଷରେ ମରିଯାଏ ତ ଏପରି ମୃତ୍ୟୁକୁ ଅକାଳ ମୃତ୍ୟୁ (ଅନ୍‌ଟାଇମ୍‌ଲି ଡେଥ୍) କୁହାଯାଏ । କାହିଁକି ? କେବଳ ଏଥିପାଇଁ ଯେ ଏହି ଘଟଣା ଆମର ଆଶା ବା ଇଚ୍ଛା ବିରୋଧରେ ହୋଇଥାଏ । ତେବେ କ'ଣ କାଳର ଅର୍ଥ ଆମର ଇଚ୍ଛା ବା ଆଶା ? ଏପରି ତ ନୁହେଁ । ଏଥିପାଇଁ ବିଚାର କରିବାକୁ ହେବ ଯେ କାଳ ଶବ୍ଦକୁ ଯୋଡ଼ିବା ଆମର ଦାର୍ଶନିକ ସାମର୍ଥ୍ୟର ଦ୍ୟୋତକ ନୁହେଁ ।

ମୃତ୍ୟୁ ପରମାତ୍ମାଙ୍କ ବ୍ୟବସ୍ଥାନୁସାରେ ହୋଇଥାଏ । କାହିଁକି ? କିପରି ଜାଣିବା ? ଶରୀର ଜଡ଼ । ଆତ୍ମା ଚେତନ । ଶରୀର ଭବନ, ଆତ୍ମା ସେଥିରେ ରହୁଥିବା ସତ୍ତା । ଗୃହ କାହାକୁ ରହିବା କିମ୍ବା ନ ରହିବା ପାଇଁ ବାଧିତ କରିପାରିବ ନାହିଁ । କୌଣସି ଗୃହ କୌଣସି ରହିବା ବ୍ୟକ୍ତିକୁ ଏହା କହି ପାରିବ ନାହିଁ କି ବର୍ତ୍ତମାନ ତୁମେ ବାହାରିଯାଅ । ଏଣୁ ମୃତ୍ୟୁର କାରଣ ଶରୀର ନୁହେଁ । ତେବେ କ'ଣ ଜୀବାତ୍ମା ? ତା' ବି ନୁହେଁ, କାରଣ କୌଣସି ଜୀବ ମରିବାକୁ ଚାହେଁ ନାହିଁ । ଏଣୁ ଏହା ସିଦ୍ଧ ହେଲା କି ଅନ୍ୟ କୌଣସି ବ୍ୟବସ୍ଥାପକ ଅଛନ୍ତି ଯିଏ କି ଜୀବକୁ ବାଧ୍ୟ କରନ୍ତି ଯେ ସେ ଶରୀର ଛାଡ଼ି ଚାଲିଯାଉ । ସେହି ବ୍ୟବସ୍ଥାପକଙ୍କ ନାମ ପରମାତ୍ମା । ପରମାତ୍ମାଙ୍କର ବ୍ୟବସ୍ଥାରେ ମୃତ୍ୟୁର ସ୍ଥାନ କ'ଣ ? ମୃତ୍ୟୁ ଜୀବଗଣଙ୍କର ଭୋଗ କାରଣରୁ ହୋଇଥାଏ ଏବଂ ଭୋଗର ଆଧାର ହେଉଛି କର୍ମ ।

ଅତଏବ ଏହା ମାନିବାକୁ ହେବ ଯେ ମୃତ୍ୟୁ ଜୀବର କର୍ମାନୁସାରେ ହୋଇଥାଏ । ଏଣୁ ଏହି ପ୍ରଶ୍ନ ତ ହୋଇପାରେ ଯେ ମୃତ୍ୟୁ ସକର୍ମ ହୋଇଥାଏ ନା ଅକର୍ମ, ଅର୍ଥାତ୍ ମୃତ୍ୟୁର କାରଣ କର୍ମ ଅଟେ ନା ନାହିଁ ? କିନ୍ତୁ ଏହି ପ୍ରଶ୍ନ ହୋଇପାରିବ ନାହିଁ କି ମୃତ୍ୟୁ ସ-କାଳ ହୋଇଥାଏ ନା ଅ-କାଳ । କୌଣସି ପ୍ରାଚୀନ ଶାସ୍ତ୍ରକାର କେଉଁଠି ବି ଏହି ପ୍ରଶ୍ନ ଉଠାଇ ନାହାନ୍ତି କି ମୃତ୍ୟୁ ସ-କାଳରେ ହୁଏ ନା ଅ-କାଳ । ବର୍ତ୍ତମାନ ଏହି ପ୍ରଶ୍ନ ହେଉଛି କି ଯଦି ମୃତ୍ୟୁ ସକର୍ମ ହୋଇଥାଏ, ତେବେ ସେହି ଜୀବର କର୍ମର ଆଧାରରେ ନା ଅନ୍ୟ ଜୀବଙ୍କର କର୍ମ ଆଧାରରେ ? ଯଦି ଅନ୍ୟ ଜୀବଙ୍କର କର୍ମ ମୋର ମୃତ୍ୟୁର କାରଣ ହୋଇପାରେ ତେବେ ମୋର କର୍ମର କୌଣସି ଆବଶ୍ୟକତା ରହିଲା ନାହିଁ । କର୍ମ କରିବ ଜଣେ, ଫଳ ଭୋଗ କରିବ ଆଉ ଜଣେ । ଏହାକୁ ନ୍ୟାୟକାରୀ ପ୍ରଭୁଙ୍କର ବ୍ୟବସ୍ଥା ତ କୁହାଯିବ ନାହିଁ । ଏହାର ନାମ ହେବ ଅନ୍ଧନଗରୀର ଅଯୋଗ୍ୟ ରାଜାଙ୍କର ଅବ୍ୟବସ୍ଥା ।

ବର୍ତ୍ତମାନ ପ୍ରଶ୍ନ ଏହା ହୁଏ କି ଆକସ୍ମିକ ମୃତ୍ୟୁ (ଏକ୍ସିଡେଣ୍ଟାଲ୍ ଡେଥ୍) କ'ଣ ? ବସ୍ତୁତଃ ସଂସାରରେ

କୌଣସି କାର୍ଯ୍ୟ ଆକସ୍ମିକ ହୁଏ ନାହିଁ । ପ୍ରତ୍ୟେକର କିଛି ନା କିଛି କାରଣ ରହିଥାଏ ଏବଂ ସେହି କାରଣ ଈଶ୍ୱରଙ୍କ ବ୍ୟବସ୍ଥାର ଏକ ଅଙ୍ଗ ହୋଇଥାଏ । ଆମେ ଏହାକୁ ଆକସ୍ମିକ ଏଥିପାଇଁ କହୁ ଯେ ଏହି କାରଣ ଆମର ଜ୍ଞାନର ପରିସୀମାରେ ନଥାଏ । କିନ୍ତୁ ପରମାତ୍ମାଙ୍କ ବ୍ୟବସ୍ଥାରେ ତ ତାହାର ନିଶ୍ଚିତ ସ୍ଥାନ ରହିଛି । ଏଣୁ ତାହା ଆକସ୍ମିକ ନୁହେଁ । ଆପଣ ନିଜ ଚାକରକୁ ରିକ୍ସାଟିଏ ପାଇଁ ପଠାଇଲେ । ଚାକର ଭାବିଲା ଛକକୁ ଯାଇ ଦେଖେ, ମିଳିଯାଇପାରେ । ଏ ସମୟରେ କୌଣସି ଏକ ରିକ୍ସାବାଲା ଯାତ୍ରୀ ଅନ୍ୱେଷଣରେ ଥାଇ ଏହା ବିଚାରିଲା କି ସେ ଯଦି ଛକ ପାଖରେ ଅପେକ୍ଷା କରେ ତେବେ ଯାତ୍ରୀ ମିଳିପାରନ୍ତି । ଚାକର ଛକକୁ ଚାଲିଗଲା ଓ ରିକ୍ସା ନେଇ ଆସିଲା । ରିକ୍ସାବାଲା କହେ କି ଅକସ୍ମାତ୍ ଯାତ୍ରୀ ମିଳିଗଲା । ଆପଣଙ୍କ ଚାକର କହେ କି ଅକସ୍ମାତ୍ ରିକ୍ସା ମିଳିଗଲା । ଆପଣଙ୍କ ଚାକର ରିକ୍ସା ଚାଳକର ପୂର୍ବ ପ୍ରସ୍ତୁତ ଯୋଜନାକୁ ଜାଣେ ନାହିଁ କି ରିକ୍ସାଚାଳକ ଆପଣଙ୍କ ଚାକରର ଯୋଜନାକୁ ଜାଣେ ନାହିଁ । ଏ ଉଭୟ ଯୋଜନା ଭିତରୁ କୌଣସି ଯୋଜନା ଆକସ୍ମିକ ନୁହେଁ । ଉଭୟ ଘଟଣା କାରଣ ଓ କାର୍ଯ୍ୟର ନିୟମ ଅନୁସାରେ ହୋଇଛି, ବିନା କାରଣରେ କୌଣସିଟି ନୁହେଁ । ଏଣୁ ସଂସାରରେ କୌଣସି କଥା ଆକସ୍ମିକ ହୁଏ ନାହିଁ । ଆକସ୍ମିକ କହି ଆମେ ନିଜର ଅଜ୍ଞତାର ପରିଚୟ ଦେଇଥାଉ । ଯାହାର କାରଣ ଆମେ ଜାଣି ପାରୁନା ତାହାକୁ ଅ-କାରଣ ବା ଆକସ୍ମିକ କହିଦେଉ । ଯେହେତୁ କୌଣସି ବସ୍ତୁ ଆକସ୍ମିକ ହୁଏ ନାହିଁ, ତେଣୁ ମୃତ୍ୟୁ ବି ଆକସ୍ମିକ ହୁଏ ନାହିଁ । ତେଣୁ ଆକସ୍ମିକ ମୃତ୍ୟୁ (ଏକ୍ସିଡ଼େଣ୍ଟାଲ୍ ଡେଥ୍) ଆମର ଜ୍ଞାନ ଦୃଷ୍ଟିରୁ ଆକସ୍ମିକ, ପରମାତ୍ମାଙ୍କ ବ୍ୟବସ୍ଥା ଦୃଷ୍ଟିରୁ ନୁହେଁ । ଯଦି କୌଣସି ବ୍ୟକ୍ତି ନିଜ ଘରେ ବସିଛି, ପୋଲିସ୍ ତାକୁ ଧରିନେଲା, ତେବେ ତା'ର ବନ୍ଧୁ କହିବେ - ବିନା କାରଣରେ ପୋଲିସ୍ ଧରିନେଲା । ତାକୁ କ'ଣ ଜଣା ଯେ ପୋଲିସ୍ ଗତ ଚାରି ବର୍ଷ ଧରି ତା'ର ସନ୍ଧାନରେ ଥିଲା । ଏଣୁ ଆକସ୍ମିକ ତ ହୋଇ ନାହିଁ ।

କିଛି ଲୋକ ଏପରି ମନେକରନ୍ତି ଯେ ଆମ ଆୟୁର ଶ୍ୱାସ-ପ୍ରଶ୍ୱାସ ପୂର୍ବ ନିର୍ଦ୍ଧାରିତ ଅଟେ । ଯେତେବେଳେ ଆମେ ନିର୍ଦ୍ଧାରିତ ଥର ଶ୍ୱାସ ନେଇଯିବା ସେତେବେଳେ ଆୟୁ ଶେଷ ହୋଇଯିବ, ଆମେ ମରିଯିବା । ମୋତେ ତ ପ୍ରତୀତ ହେଉଛି ଏହି ବିଚାର ବି ଭ୍ରାନ୍ତି ପୂର୍ଣ୍ଣ ଏବଂ କୌଣସି ଶାସ୍ତ୍ରୀୟ ପ୍ରମାଣକୁ ଠିକ୍ ଭାବେ ନ ବୁଝିବା କାରଣରୁ ରହିଛ । କାହିଁକି ନା ବହୁଧା ପ୍ରାଣ ଓ ଜୀବନକୁ ପର୍ଯ୍ୟାୟବାଚୀ ବୋଲି ବୁଝାଯାଇଛି । ବସ୍ତୁତଃ ଶାସ୍ତ୍ରମାନଙ୍କରେ ଯେଉଁ ପ୍ରାଣ, ଅପାନ ଆଦି ଦଶ ପ୍ରକାର ପ୍ରାଣର ଉଲ୍ଲେଖ ରହିଛ (ଯଥା- ପ୍ରାଣ, ଅପାନ,ବ୍ୟାନ, ଉଦାନ, ସମାନ, ନାଗ, କୂର୍ମ, କୃକଳ, ଧନଞ୍ଜୟ ଇତ୍ୟାଦି), ଏହା କେବଳ ପ୍ରାଣଧାରୀ ଶରୀରର ଚିହ୍ନ ମାତ୍ର ଅଟେ । ଜୀବର ଆୟୁ ଏ ସବୁର ଗଣନା ଉପରେ ଆଧାରିତ ହୋଇନପାରେ । ଜୀବର ଲକ୍ଷଣରେ ଯେଉଁଠି ପ୍ରାଣ ଆଦିର ଉଲ୍ଲେଖ ରହିଛି, ତାହା ସାଥିରେ ନିମେଷ-ଉନ୍ମେଷର ବି ରହିଛି । ତେଣୁ ଆୟୁର ଅବଧିକୁ ନିମେଷ-ଉନ୍ମେଷର ସଂଖ୍ୟା ଉପରେ କାହିଁକି ଆଧାରିତ କରାଯିବ ନାହିଁ ? ଶରୀରରେ ଅନେକ ପ୍ରକାରର ପ୍ରକ୍ରିୟା ଚାଲିଥାଏ । ହୃଦୟର ସ୍ପନ୍ଦନର ଗତି ଅଲଗା, ଶ୍ୱାସ-ପ୍ରଶ୍ୱାସର ଅନ୍ୟ ପ୍ରକାରର ଗତି, ରକ୍ତ ସଂଚାଳନର ଅନ୍ୟ ଧରଣର, ନାଡ଼ିର ସଂଚାଳନର ଅଲଗା । ଏ ସବୁ ସହ ଆୟୁର ଅବଧିକୁ ଯୋଡ଼ିବାର ଅର୍ଥ ମୁଖ୍ୟ କାରଣକୁ ଛାଡ଼ି କଳ୍ପନା ଗୁଡ଼ିକୁ ପ୍ରାଧାନ୍ୟ ଦେବା ।

## ମୃତ୍ୟୁର ଅବଧି ନିଶ୍ଚିତ ନୁହେଁ

ବର୍ତ୍ତମାନ ପ୍ରଶ୍ନ ଉଠେ ଯେ ଯଦି ଆମ ମୃତ୍ୟୁର କାରଣ ଆମର ହିଁ କର୍ମ ଅଟେ, ଆମ ବ୍ୟତୀତ ଅନ୍ୟ କାହାରି ନୁହେଁ, ତେବେ କ'ଣ ଏ କର୍ମ ଏଇ ଜନ୍ମର ନା

ପୂର୍ବଜନ୍ମର ? ଏବଂ ଏହି ଜନ୍ମର କର୍ମ କ'ଣ ପୂର୍ବ ଜନ୍ମର କର୍ମକୁ ପ୍ରଭାବିତ କରିପାରେ ? ଅର୍ଥାତ୍ କ'ଣ ଏପରି କୌଣସି କର୍ମ ବି ରହିଛି ଯାହାଦ୍ୱାରା ଆମେ ଆମ ଜୀବନର ଅବଧିକୁ ହ୍ରାସ ଓ ବୃଦ୍ଧି କରି ପାରିବା ? ପ୍ରାଚୀନ ଓ ଅର୍ବାଚୀନ ଶାସ୍ତ୍ରଜ୍ଞମାନେ ଏପରି କିଛି ନିୟମ ତିଆରି କରିଛନ୍ତି ଯାହାଦ୍ୱାରା ମନୁଷ୍ୟ ଦୀର୍ଘଜୀବୀ ହୋଇପାରେ । ଏ ନିୟମଗୁଡ଼ିକ ଅତ୍ୟାବଶ୍ୟକ ତ ନୁହନ୍ତି । ତଥାପି ବି ସହାୟକ ହୋଇଥାନ୍ତି । ମୋର କହିବାର ତାତ୍ପର୍ଯ୍ୟ ଏହା କି ଯେ କେହି ଏ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ନିୟମଗୁଡ଼ିକ ପଳନ କରିବ, ତାହା ପାଇଁ ନିଶ୍ଚିତ ତ ନୁହେଁ ଯେ ସିଏ ଅବଶ୍ୟ ହିଁ ଦୀର୍ଘଜୀବୀ ହେବ, କିନ୍ତୁ ସମ୍ଭାବନା ଅଧିକ । କାରଣ ଅଧିକାଂଶ କ୍ଷେତ୍ରରେ ଏ ନିୟମ ସବୁ ଉପଯୋଗୀ ସିଦ୍ଧ ହୋଇଛନ୍ତି । ଏଣୁ ଭବିଷ୍ୟତରେ ବି ହେବେ । ସମସ୍ତ ଆଚରଶାସ୍ତ୍ର ଏ ବିଷୟରେ ପ୍ରେରଣା ଦିଅନ୍ତି ଏବଂ ଆମର ଆନ୍ତରିକ ପ୍ରବୃତ୍ତିଗୁଡ଼ିକ ବି ଏପରି ହିଁ ପ୍ରେରିତ କରିଥାନ୍ତି । ଆମେ ସର୍ବଦା ମୃତ୍ୟୁରୁ ଦୂରେଇ ଯିବାକୁ ଚାହୁଁ । ସାପ ବା ସିଂହକୁ ଦେଖି ଭୟ ଲାଗେ । ଆମେ ଏହା ଚିନ୍ତା କରୁ ନାହିଁ କି ମରିବାକୁ ହେବତ ମରିବା ହିଁ, ଡରିବାର ଓ ଆତ୍ମରକ୍ଷା ପାଇଁ ଦୌଡ଼ିବାର କ'ଣ ଆବଶ୍ୟକତା ରହିଛି ? ଏଥିରୁ ଜଣାଯାଏ କି ଆଚରଶାସ୍ତ୍ର ତଥା ଆମର ଆନ୍ତରିକ ପ୍ରବୃତ୍ତିଗୁଡ଼ିକ ଏହା ସିଦ୍ଧ କରନ୍ତି କି ମୃତ୍ୟୁର ଅବଧିରେ ଏକ ସୀମା ପର୍ଯ୍ୟନ୍ତ ଆମେ ପରିବର୍ତ୍ତନ କରିପାରିବା । ଏକ ସୀମା ପର୍ଯ୍ୟନ୍ତ ଏହି ଶବ୍ଦ ଏଥିପାଇଁ କହନ୍ତି କି ସମ୍ଭବତଃ ଆମର ପୂର୍ବକର୍ମ ଏଭଳି ପ୍ରବଳ ହୋଇଥିବ ଯେ କୌଣସି ନବୀନ କର୍ମ ପୂର୍ବ କର୍ମର ପ୍ରଭାବକୁ ହଟାଇ ପାରିବ ନାହିଁ । ଏଣୁ ମୃତ୍ୟୁର ଅବଧିକୁ ନିଶ୍ଚିତ କରିବା କଷ୍ଟକର । ପରମାତ୍ମାଙ୍କ ବ୍ୟବସ୍ଥା ଜଟିଳ । ପରମାତ୍ମା ଯେପରି ଜଡ଼ ପଦାର୍ଥ ଉପରେ ଶାସନ କରିଥାନ୍ତି ସେହିପରି ଚେତନ ଜଗତ ଉପରେ କରନ୍ତି ନାହିଁ । ଆପଣଙ୍କ ଅଧୀନରେ ଘୋଡ଼ା ବି ଅଛି ଓ ସାଇକେଲ ବି । ସାଇକେଲ ଜଡ଼, ଆଉ ଘୋଡ଼ା ଚେତନ । ଏଣୁ ଉଭୟଙ୍କୁ ଶାସନ କରିବା ବିଧି ଭିନ୍ନ-ଭିନ୍ନ । ଆପଣ ସାଇକେଲକୁ ପଚାରନ୍ତି ନାହିଁ ଯେ ତୁମେ ଥକି ତ ଯାଇ ନାହଁ ? ନିଜକୁ ପଚାରିଥାନ୍ତି ମୁଁ ଥକି ଯାଇଛି ନା ନାହିଁ ? ଯଦି ଆପଣ ଥକି ନାହାନ୍ତି ତେବେ ସାଇକେଲ ଧରି ବାହାରିଯାନ୍ତି । କିନ୍ତୁ ଘୋଡ଼ା ଉପରେ ଶାସନ କରିବାକୁ ହେଲେ ଆପଣଙ୍କୁ ତା'ର କ୍ଲାନ୍ତି ପ୍ରତି ବି ଧ୍ୟାନ ଦେବାକୁ ହୋଇଥାଏ, କାରଣ ଘୋଡ଼ା ଚେତନ ଅଟେ । ସେହିପରି ପରମାତ୍ମା ଚେତନ ଜୀବଙ୍କର ପ୍ରବୃତ୍ତି ଉପରେ ଧ୍ୟାନ ଦେଇ ଶାସନ କରନ୍ତି । ଶାସନ ତ ରହିଛି, କିନ୍ତୁ ଏପରି ଶାସନ ନାହିଁ ଯଦ୍ଦ୍ୱାରା କି ଜୀବଙ୍କର କିଛି ବି ସ୍ୱତନ୍ତ୍ରତା ରହିବ ନାହିଁ । ଏଣୁ ମୃତ୍ୟୁର ପ୍ରଶ୍ନ ଉଠାଇବା ପୂର୍ବରୁ ଆମକୁ ଏଥିପ୍ରତି ବି ଧ୍ୟାନ ଦେବାକୁ ହେବ ଯେ ମୃତ୍ୟୁର ସମ୍ବନ୍ଧ ଚେତନ ଜୀବାତ୍ମାମାନଙ୍କ ସହିତ ରହିଛି ଏବଂ ଏମାନଙ୍କ ସ୍ୱତନ୍ତ୍ରତା ଛଡ଼ାଇ ନିଆଯାଇ ପାରିବ ନାହିଁ ।

ଜୀବ କର୍ମ କରିବାରେ ସ୍ୱତନ୍ତ୍ର ଓ ଫଳ ପାଇବାରେ ପରତନ୍ତ୍ର । କିନ୍ତୁ କାହାର ଅଧୀନ ? 'ପର' ର ଅର୍ଥ କ'ଣ ? କ'ଣ ପରମାତ୍ମାଙ୍କ ପରତନ୍ତ୍ର(ଗୋଲାମ) ଅଟେ ? ଏପରି ତ ନୁହେଁ । ପରମାତ୍ମା କାହାକୁ ପରତନ୍ତ୍ର(ଗୋଲାମ) କରନ୍ତି ନାହିଁ । ସେ ତ ସ୍ୱତନ୍ତ୍ରତାର ରକ୍ଷକ, ବାଧକ(ବିରୋଧୀ) ନୁହନ୍ତି । ଯଦି ତନ୍ତ୍ର ସର୍ବଥା ଅନ୍ୟ ହାତରେ ରହେ ତେବେ ବିରାଟ ଅନର୍ଥ ସୃଷ୍ଟି ହେବ । ଏଣୁ ଯେତେବେଳେ ଆମେ କହୁ କି ଜୀବ ଫଳ ପାଇବାରେ ପରତନ୍ତ୍ର, ତେବେ ଏହାର ଅର୍ଥ କେବଳ ଏତିକି ଯେ ସେ ନିଜ ପୂର୍ବକୃତ କର୍ମର ହିଁ ପରତନ୍ତ୍ର, ଅନ୍ୟ କାହାର ନୁହେଁ । ପରଧୀନ ଏଥିପାଇଁ କୁହାଯାଏ କି କୌଣସି କର୍ମ କରିବା ପରେ ତାକୁ ନ କରିଥିବା ଅର୍ଥାତ୍ 'ଅକୃତ' କରିବାର ଶକ୍ତି କୌଣସି ଜୀବଠାରେ ନାହିଁ । ଜୀବ କର୍ତ୍ତା ଅଟେ । କୃତ କାର୍ଯ୍ୟର ଅକର୍ତ୍ତା ନୁହଁ । ଆମର କୌଣସି କାର୍ଯ୍ୟ କରିବାର ଅଧିକାର ତ ରହିଛି, କିନ୍ତୁ କରିବା ପରେ ତା'ର ପ୍ରଭାବକୁ ହଟାଇବାର ଅଧିକାର ନାହିଁ । ଆମେ କାଗଜ ଉପରେ

ଲେଖି ପାରିବା, ପରନ୍ତୁ ଲେଖାକୁ ସେହି କର୍ମଦ୍ୱାରା ଲିଭାଇ ପାରିବା ନାହିଁ । ଏଣୁ କୁହାଯାଇଛି — **ଅବଶ୍ୟମେବ ଭୋକ୍ତବ୍ୟଂ କୃତଂ କର୍ମ ଶୁଭାଶୁଭମ୍ ।**

ଏଥିରୁ ଏହା ସିଦ୍ଧ ହେଲା ଯେ ମୃତ୍ୟୁର ଅବଧିରେ ବି ଆମର ହିଁ କର୍ମ ପ୍ରଭାବ ପକାଇ ପାରିବ ।

କେତେକ ଲୋକଙ୍କ ବିଚାର ହେଉଛି କି ଆମର ଏହି ଜନ୍ମର କର୍ମ ଏହି ଜନ୍ମରେ ଫଳ ଦେଇପାରେ ନାହିଁ । ତାହା କେବଳ ପର ଜନ୍ମରେ ଫଳ ଦେବ । ଏଇ ଜନ୍ମରେ ଆମକୁ ଯେଉଁ ଫଳ ମିଳୁଛି ତାହା ସବୁ ଅବିଶେଷତଃ ଆମର ପୂର୍ବଜନ୍ମରେ କୃତ କର୍ମର ଅଟେ । ମୋତେ ଏହି ସିଦ୍ଧାନ୍ତର ପୁଷ୍ଟି ନିମନ୍ତେ କୌଣସି ତର୍କ ବା ପ୍ରମାଣ ମିଳେ ନାହିଁ । ଏହି ସିଦ୍ଧାନ୍ତ ପ୍ରେରଣା ଦୃଷ୍ଟିରୁ ବି ଉପଯୋଗୀ ନୁହେଁ । ଏହା ତ ଠିକ୍ ଯେ ଆମେ ଆମର ପୂର୍ବ କର୍ମର ହିଁ ଫଳ ପାଇଥାଉ; କିନ୍ତୁ ସେ ସବୁ ପୂର୍ବଜନ୍ମର ହିଁ କାହିଁକି ହେବ ? ଏହା ତ ସ୍ୱୀକାର କରାଯାଇ ପାରିବ ନାହିଁ । ସମସ୍ତ କର୍ମର ବିପାକ (ଫଳ ପ୍ରାପ୍ତି) ପାଇଁ ସମାନ ସମୟ ଲାଗିନଥାଏ । କୌଣସି ଶୀଘ୍ର ଫଳ ଦେଇଥାଏ ତ ଆଉ କେଉଁ କର୍ମ ବିଳମ୍ବରେ । ଏଣୁ ଯୋଗଶାସ୍ତ୍ରରେ କୁହାଯାଇଛି —

**କ୍ଲେଶମୂଳଃ କର୍ମାଶୟୋ ଦୃଷ୍ଟାଦୃଷ୍ଟଜନ୍ମ ବେଦନୀୟଃ ।**
**ସତି ମୂଳେ ତଦ୍‌ବିପାକୋ ଜାତ୍ୟାୟୁର୍ଭୋଗାଃ ।**

(ଯୋଗ. ୨:୧୨, ୧୩)

ଅର୍ଥାତ୍ କିଛି କର୍ମର ଫଳ ଏହି ଜନ୍ମରେ ମିଳିଯାଏ ଏବଂ ଆଉ କିଛିର ପରଜନ୍ମରେ । ଲାଉ ଲଗାଇବେ ତ ଲାଉର ଫଳ ୨/୩ ମାସରେ ମିଳିଯିବ । ଯଦି କମଳା ଲଗାଇବେ ତେବେ କିଛି ବର୍ଷରେ ଫଳ ମିଳିବ । ଏହି ଅବସ୍ଥା କର୍ମର ବି ଅଟେ । ଅନେକ କର୍ମର ଫଳପ୍ରାପ୍ତି ପାଇଁ କିଛି ଜନ୍ମ ବି ଲାଗିଯିବ । ଯୋଗରେ ଏକ ସୂତ୍ରରେ କୁହାଯାଇଛି —

**ଜାତିଦେଶକାଲବ୍ୟବହିତାନାମପ୍ୟାନନ୍ତର୍ୟଂ ସ୍ମୃତିସଂସ୍କାରୟୋରେକରୂପତ୍ୱାତ୍ ।**(ଯୋଗ. ୪:୯)

ଏହାର ଅର୍ଥ ଏହା କି କିଛି କର୍ମର ବିପାକ(ଫଳପ୍ରାପ୍ତି)ରେ ଜାତି, ଦେଶ, କାଳର ବ୍ୟବଧାନ ହେଲେ ବି ବିପାକର କାର୍ଯ୍ୟ ଚାଲିଥାଏ, ବନ୍ଦ ହୁଏ ନାହିଁ । ଯେତେବେଳେ ଏହି ବିପାକ ସମ୍ପୂର୍ଣ୍ଣ ହୁଏ, ସେତେବେଳେ ଫଳପ୍ରାପ୍ତି ହୋଇଥାଏ । ଯେପରିକି ଅଷ୍ଟମ ସୂତ୍ରରେ ଉଲ୍ଲେଖ ରହିଛି — **'ତତସ୍ତଦ୍ୱିପାକାନୁଗୁଣାନାମେବାଭିବ୍ୟକ୍ତିର୍ବାସନାନାମ୍'** (ଯୋଗ. ୪:୮) । ଏଣୁ ଏପରି କଥନ ଯେ ଏହି ଜନ୍ମର କୌଣସି କର୍ମର ଫଳ ଆମକୁ ଏହି ଜନ୍ମରେ ମିଳିବ ନାହିଁ, ଏହା ଉଚିତ ପ୍ରତୀତ ହୁଏ ନାହିଁ । ଏହି ସିଦ୍ଧାନ୍ତ ଉପଯୋଗୀ ବି ନୁହେଁ । କାରଣ ଅନେକ ପାପ ଆମେ ଏଥିପାଇଁ କରି ନଥାଉ ଯେ ତାହାର ଶାସ୍ତି ଯଥାଶୀଘ୍ର ମିଳିଯିବ; ପର ଜନ୍ମର ଭୟ ତ ସମସ୍ତଙ୍କର ହୁଏ ନାହିଁ । ଏହି ଜନ୍ମରେ ବି ଆମେ ସେସବୁ ପାପ କରିବାକୁ ପ୍ରେରିତ ହୋଇଯାଉ ଯାହାର ଫଳ ବହୁତ ଦିନ ପରେ ମିଳିବ । ଏଥିରୁ ଜଣାଯାଏ ଯେ ଆମର ଏହି ଜନ୍ମର କର୍ମର ବି ଆମର ମୃତ୍ୟୁ ଉପରେ ପ୍ରଭାବ ପଡ଼ିବ । ଯୋଗଦର୍ଶନରେ ଆଉ ଏକ ସୂତ୍ର ଅଛି — **'ସତି ମୂଳେ ତଦ୍ୱିପାକୋ ଜାତ୍ୟାୟୁର୍ଭୋଗାଃ'**(ଯୋଗ. ୨:୧୩) । ଏହାର ଅର୍ଥ ହେଲା ଯଦି କର୍ମର ମୂଳ ଥାଏ ଏବଂ ତାହାର ବିପାକ ହୋଇଯାଏ ଅର୍ଥାତ୍ ତାହା ପରିପକ୍ୱ ହୋଇଯାଏ ତେବେ ଜାତି, ଆୟୁ ଓ ଭୋଗ ପ୍ରାପ୍ତ ହୋଇଥାଏ । ଏଥିରୁ କିଛି ଲୋକ ଏହି ଧାରଣା ସୃଷ୍ଟି କଲେ କି ଜାତି, ଆୟୁ ଓ ଭୋଗ ନିଶ୍ଚିତ ହୋଇଯାନ୍ତି, ଅର୍ଥାତ୍ କୌଣସି କର୍ମ ସେଗୁଡ଼ିକୁ ବଦଳାଇ ପାରିବେ ନାହିଁ । ଏଥିପାଇଁ ସେମାନେ କହନ୍ତି କି ମୃତ୍ୟୁର ସମୟ ନିଶ୍ଚିତ ଏବଂ କୌଣସି ବସ୍ତୁ ତାହାକୁ ବଦଳାଇ ପାରିବ ନାହିଁ । ଏହି କଥା ସୂତ୍ରରେ ତ ନାହିଁ । କର୍ମର ବିପାକ ନିରନ୍ତର ହେବ ଏବଂ ଯଦି ଅନ୍ୟ କୌଣସି କର୍ମର ଏପରି ବିପାକ ହୋଇଯାଏ କି ତାହା ପୂର୍ବ କର୍ମର ବିପାକ ଉପରେ ପ୍ରଭାବ

ପକାଇବାକୁ ଲାଗେ, ତେବେ ଏହା ଆଶ୍ଚର୍ଯ୍ୟର କଥା ତ ହେବ ନାହିଁ । ଆମେ ସଂସାରରେ ଦେଖୁ ଯେ ଯଦି ଜଣେ ବ୍ୟକ୍ତି ଚୋରି ନିମନ୍ତେ ୩ ବର୍ଷ କାରାବାସ ଦଣ୍ଡ ପାଇଥାଏ ଏବଂ ଯଦି ସେ ସେହି ସମୟରେ କୌଣସି ଅତ୍ୟନ୍ତ ପ୍ରଶଂସନୀୟ ତଥା ଜାତି ଉଦ୍ଧାରକ କାର୍ଯ୍ୟ କରିଦିଏ; ଯଥା- କୌଣସି ବାହ୍ୟ ଶତ୍ରୁର ଆକ୍ରମଣର ପ୍ରତିକାର କରିଦିଏ, ତେବେ ତାହାର ପୁରୁଣା ଦଣ୍ଡରେ ପରିବର୍ତ୍ତନ ହୋଇଯାଇଥାଏ । ସେହିପରି ଜାତି, ଆୟୁ ଓ ଭୋଗ ସବୁଥିରେ ପରିବର୍ତ୍ତନ ହୋଇପାରେ ।

କର୍ମର ବିପାକ ହେବା ଦ୍ୱାରା ତିନି ପ୍ରକାର ପରିଣାମ ହୁଏ । ଏକ ତ ଜାତି ଅର୍ଥାତ୍ କୌଣସି ଯୋନିରେ ଜନ୍ମ ହେବା - ମନୁଷ୍ୟ, ଘୁଷୁରୀ ବା କୁକୁର ଇତ୍ୟାଦି । ଦ୍ୱିତୀୟ ହେଲା ଆୟୁ ଅର୍ଥାତ୍ ସେହି ଯୋନିର ଅବଧି କେତେ ଦିନ ହେବ । ତୃତୀୟଟି ଭୋଗ ଅର୍ଥାତ୍ ତାକୁ ଭୋଗିବା ପାଇଁ କ'ଣ କ'ଣ ସାଧନ ପ୍ରାପ୍ତ ହେବ; ଯଥା - ଧନ, ବସ୍ତ୍ର ଇତ୍ୟାଦି । ଭୋଗର ଅର୍ଥ ଏଠାରେ ଭୋଗର ସାଧନ, ସୁଖ-ଦୁଃଖ ନୁହେଁ । କାରଣ ପର ସୂତ୍ରରେ ଏହା କୁହାଯାଇଛି କି — **'ତେ ହ୍ଲାଦପରିତାପଫଲାଃ ପୁଣ୍ୟାପୁଣ୍ୟହେତୁତ୍ୱାତ୍'** (ଯୋଗ.୨:୧୪) । ଏହାର ଅର୍ଥ ହେଉଛି କି ଜାତି, ଆୟୁ ଓ ଭୋଗ ଏ ତିନୋଟି ଯାକ ସୁଖ ବା ଦୁଃଖଦାୟକ ହୋଇପାରନ୍ତି । ସୁଖର କାରଣ ହେବ ପୁଣ୍ୟ ଓ ଦୁଃଖର କାରଣ ହେବ ଅପୁଣ୍ୟ ଅର୍ଥାତ୍ ପାପ । ଏଠାରେ ଦୁଇଟି କଥା ମନେରଖିବା ଉଚିତ । ପ୍ରଥମ କଥା ଏହା ଯେ ପ୍ରତ୍ୟେକ କର୍ମ ଜାତି ଓ ଆୟୁ ରୂପକ ଭୋଗ ଦେବେ ନାହିଁ ଏବଂ କେତେକ କର୍ମ ମିଶି ଏ ତିନୋଟି ଉପରେ ପ୍ରଭାବ ପକାଇବେ । ସଂସାରରେ ଆମେ ଦେଖୁ ଯେ ଜଣେ ବ୍ୟକ୍ତିର ସ୍ଥାନାନ୍ତରଣ ବି ହୋଇପାରେ ଏବଂ ବେତନର ବୃଦ୍ଧି କିମ୍ବା ହ୍ରାସ ହୋଇପାରେ, କିନ୍ତୁ ପ୍ରତ୍ୟେକ କାର୍ଯ୍ୟର ସମାନ କାରଣ ନାହିଁ । ସ୍ଥାନାନ୍ତରଣର କାରଣ ଅଲଗା ହେବ ଏବଂ ବେତନ ବୃଦ୍ଧି ବା ହ୍ରାସର ଅନ୍ୟ କାରଣ । କିଛି କର୍ମ ଏପରି ବି ହୋଇପାରନ୍ତି ଯାହାର ଉଭୟ ଉପରେ ପ୍ରଭାବ ଥାଏ । ଦ୍ୱିତୀୟ କଥା ଏହା ମନେ ରଖିବା ଉଚିତ କି ଜାତି, ଆୟୁ ଓ ଭୋଗ ଏ ତିନୋଟିରେ ଦୁଃଖ ଓ ସୁଖ ଉଭୟ ହୋଇପାରେ । ଏକ ଘୁଷୁରୀକୁ ଦୁଃଖ ବି ମିଳିପାରେ ଏବଂ ସୁଖ ବି, ଅଥବା ତା'ର ଆୟୁରେ କେବେ ଦୁଃଖ ହେବ ଆଉ କେବେ ସୁଖ । ଏହି ଭଳି ଧନୀଲୋକର ଧନ ଭୋଗ ଅଟେ ଅର୍ଥାତ୍ ଭୋଗର ସାଧନ ଅଟେ । ଏହି ଧନ ତାକୁ ସୁଖ ବି ଦେଇପାରେ ଏବଂ ଦୁଃଖ ବି ।

## ପୁରୁଷାର୍ଥର ପ୍ରଭାବ

କର୍ମ ତ ନିରନ୍ତର ଚାଲିଥାଏ ଏବଂ ତାହାର ବିପାକ ବି ନିରନ୍ତର । ଆମେ କୌଣସି ବିପାକକୁ କୌଣସି ସମୟ ପାଇଁ ସ୍ଥଗିତ କରିପାରିବା ନାହିଁ, ଯେପରିକି - ଯଦି ମୋର କୌଣସି କର୍ମର ବିପାକ ମଇ ୨ରେ ହେବାକୁ ଅଛି ତେବେ ଆମେ ଏହା କହିପାରିବା ନାହିଁ କି ସେହି ବିପାକ ଅଟକି ଯିବ ଏବଂ ନିଜର ଫଳ ଦେବା ପାଇଁ ଦୁଇ ବର୍ଷ ଅପେକ୍ଷା କରିବ । ବର୍ତ୍ତମାନ ଯଦି ଆୟୁର ଅବଧି ଏପରି ନିଶ୍ଚିତ ହୁଏ ଯେ ତା' ଉପରେ କୌଣସି କର୍ମର ପ୍ରଭାବ ପଡ଼ି ପାରିବ ନାହିଁ ତେବେ ଆୟୁର ଅବଧି ଓ ବିପାକର କାଳ ଏହି ଉଭୟରେ ସମନ୍ୱୟ କିପରି ହେବ ? ଏଣୁ ଏହି ସିଦ୍ଧାନ୍ତ ନିଶ୍ଚିତ ହେଲା କି ଜୀବ ପ୍ରତିକ୍ଷଣ ପ୍ରତ୍ୟେକ ବିପତ୍ତିର ପ୍ରତିକାର ପାଇଁ, ତାହା ଜାତି ରୂପରେ ହେଉ କିମ୍ବା ଆୟୁ ରୂପରେ ବା ଭୋଗ ରୂପେ, ସର୍ବଦା ପ୍ରଯତ୍ନଶୀଳ ରହିବା ଉଚିତ । ଏହାର ନାମ ପୁରୁଷାର୍ଥ । କେବେ ଏହା ବିଚାର କରିବା ଉଚିତ ନୁହେଁ ଯେ ପୂର୍ବ କର୍ମରୁ ଯେଉଁ ସୁଖ ବା ଦୁଃଖ ମିଳିବାର ଅଛି ଆମେ ନୂତନ କର୍ମ ଦ୍ୱାରା ସେଥିରେ ପ୍ରଭାବ ପକାଇ ପାରିବା ନାହିଁ -

**ଯତ୍ନେ କୃତେ ଯଦି ନ ସିଧ୍ୟତି କୋଽତ୍ର ଦୋଷଃ ।**

ବିଦ୍ୱାନ୍‌ମାନେ ଏହାର ଦୁଇ ପ୍ରକାର ଅର୍ଥ କରିଛନ୍ତି । ପ୍ରଥମତଃ ଏହା କି ଯଦି ଯତ୍ନ କରିବା ପରେ

ସିଦ୍ଧି ନ ହୁଏ ତେବେ ବୁଝିବା ଉଚିତ ଯେ ପ୍ରଯତ୍ନରେ କୌଣସି ନ୍ୟୂନତା ରହିଗଲା, ତାହାକୁ ପୁଣି ସୁଧାରିବାକୁ ହେବ । ଦ୍ୱିତୀୟ ଅର୍ଥ ବି ଏହା କରିଛନ୍ତି କି ଯଦି ସମ୍ପୂର୍ଣ୍ଣ ଯତ୍ନ କରିବା ପରେ ସିଦ୍ଧି ନ ହୁଏ ବୁଝିନିଅ ଯେ ତୁମେ ନିଜର କର୍ତ୍ତବ୍ୟ କରିଦେଲ । ହୁଏ ତ ପୂର୍ବ କର୍ମ ଏତେ ପ୍ରବଳ ଯେ ନୂତନ କର୍ମ ସେଥିରେ ପରିବର୍ତ୍ତନ କରିପାରି ନାହିଁ । ଏପରି ତ ସାଧାରଣ ଶାସନରେ ବି ହୋଇଥାଏ । ଆମର ସିଦ୍ଧାନ୍ତ ତ ଏ ଉଭୟ ଅର୍ଥ ସହିତ ମେଳ ଖାଉଛି । ଆମର କର୍ମ-ସିଦ୍ଧାନ୍ତ ଅନୁସାରେ ତ ଜାତି, ଆୟୁ ଓ ଭୋଗରେ ପରିବର୍ତ୍ତନ ହୋଇପାରେ, ଯେପରିକି କୌଣସି ବୀର ସୈନିକ ଦେଶ ରକ୍ଷା କରୁ କରୁ ପ୍ରାଣ ଦେଇଦିଏ ତ ଏହି ଶୁଭ କର୍ମର ପୁରସ୍କାରରେ ତାହାର ଜନ୍ମ(ଯୋନି) ବି ବଦଳିଗଲା, ଆୟୁ ବି ଏବଂ ଭୋଗ ମଧ୍ୟ । ଏଣୁ କର୍ମଫଳର ସିଦ୍ଧାନ୍ତଏହା ନିଶ୍ଚିତ କରେ କି ସର୍ବଦା କର୍ମ କରିଚାଲ, ଧର୍ମ ଓ ଅଧର୍ମର ବିଚାର କରିଚାଲ ଏବଂ ତ୍ରିବିଧ ଦୁଃଖର ପ୍ରତିକାର କରିବାର ପ୍ରୟାସ ବି କରିଚାଲ । ଏହା ହିଁ ପୁରୁଷାର୍ଥ । ଏଥିରେ ସ-କାଳ ଓ ଅ-କାଳ ମୃତ୍ୟୁର କୌଣସି ପ୍ରଶ୍ନ ଉଠେ ନାହିଁ । ସ-କାଳ ଓ ଅ-କାଳ କର୍ମର ପ୍ରଶ୍ନ ତ ଉଠେ ଅର୍ଥାତ୍ ଜାଗ୍ରତ ମନୁଷ୍ୟ ଠିକ୍ ସମୟାନୁସାରେ କାର୍ଯ୍ୟ କରିବ, ଅଳସୁଆ ଅସଫଳ ହୋଇଯିବ । ମନୁଷ୍ୟ ସ-କାଳ କର୍ମ ବି କରିଥାଏ ଏବଂ ଅ-କାଳ ବି । କିଏ ଠିକ୍ ସମୟରେ ଉଠିଥାଏ ତ ଆଉ କିଏ ବିଳମ୍ବରେ । କିଏ ଠିକ୍ ସମୟରେ ବ୍ୟବହାର କରିଥାଏ, କିଏ ବାଲ୍ୟାବସ୍ଥାରେ ତ କିଏ ପୁଣି ବାର୍ଦ୍ଧକ୍ୟରେ । ସ-କାଳ କର୍ମକୁ ଧର୍ମ ବୋଲି କହିବା, ଅକାଳକୁ ଅଧର୍ମ । ସ-କାଳ କର୍ମର ପରିଣାମ ସୁଖ, ଅ-କାଳର ଦୁଃଖ । ସୁଖ ଓ ଦୁଖ ଅନ୍ତିମ ପରିଣାମ ଅଟେ । ଏହାର ମାଧ୍ୟମ ହେବେ - ଜାତି, ଆୟୁ ଓ ଭୋଗ ।

ପୂର୍ବଲିଖିତ ସୂତ୍ରଗୁଡ଼ିକ ସହ ଏହି ଉକ୍ତିର ସଙ୍ଗତ କରନ୍ତୁ । ଅର୍ଥ ସ୍ପଷ୍ଟ ହୋଇଯିବ ।

ଭାଷାନ୍ତର

**ପଦ୍ମନାଭ ସ୍ୱାଇଁ**

❖❖❖

**୨୭ ପୃଷ୍ଠାର ଅବଶିଷ୍ଟାଂଶ**

ତେବେ ଯିଏ ତାଙ୍କର ବିବାହିତା ପତ୍ନୀ ହୋଇଥିବେ, ଯାହାକୁ କି **'ମହାରାଣୀ'** କହନ୍ତି, ତାଙ୍କଠାରେ ମଧ୍ୟ ଶ୍ରୀକୃଷ୍ଣଙ୍କ ଭଳି ସାମର୍ଥ୍ୟ ଥିବ । କାରଣ ସେ ଶ୍ରୀକୃଷ୍ଣଙ୍କ ଅର୍ଦ୍ଧାଙ୍ଗିନୀ । ସଂସାରରେ ଯେପରି ନାରୀ ଓ ପୁରୁଷଙ୍କ କାମଚେଷ୍ଟା ତୁଲ୍ୟ ଥାଏ ଅଥବା ପୁରୁଷ ଅପେକ୍ଷା ନରୀର କାମଚେଷ୍ଟା ଅଧିକ ଥାଏ, ଗୋଲକରେ ସେପରି କାହିଁକି ହୋଇ ନ ଥିବ ? ଯଦି ଏପରି ହୋଇଥିବ, ତେବେ ଅନ୍ୟ ସ୍ତ୍ରୀମାନଙ୍କ ସହ ଶ୍ରୀକୃଷ୍ଣଙ୍କ ଅର୍ଦ୍ଧାଙ୍ଗିନୀଙ୍କର ଭୀଷଣ ଝଗଡ଼ା ମଧ୍ୟ ହେଉଥିବ । କାରଣ ସଉତୁଣୀ ଭାବନା ବହୁତ ଭୟଙ୍କର ହୋଇଥାଏ । ଏସବୁ କାରଣରୁ ଗୋଲକ ସ୍ୱର୍ଗ ବଦଳରେ ନରକରେ ପରିଣତ ହୋଇଯାଇଥିବ । ଅଥବା ସଂସାରରେ ଯେପରି ବହୁସ୍ତ୍ରୀଗାମୀ ପୁରୁଷ ଭଗନ୍ଦରାଦି ରୋଗରେ ପୀଡ଼ିତ ହୋଇଥାନ୍ତି, ଗୋଲକରେ ମଧ୍ୟ ସେହିପରି ହୋଇଥିବ । ଛିଃ ! ଛିଃ !! ଛିଃ !!! ଏପରି ଗୋଲକରୁ ତ ମର୍ତ୍ତ୍ୟଲୋକ ହିଁ ଭଲ ।

ଦେଖ ! ଏଠାରେ ଗୋସାଇଁମାନେ ନିଜକୁ ଶ୍ରୀକୃଷ୍ଣ ମାନନ୍ତି ଏବଂ ବହୁ ସ୍ତ୍ରୀଙ୍କ ସହ ଲୀଳା କରିବାରୁ ଭଗନ୍ଦର, ପ୍ରମେହ ଆଦି ରୋଗରେ ପୀଡ଼ିତ ହୋଇ ମହାଦୁଃଖ ଭୋଗ କରନ୍ତି । ବର୍ତ୍ତମାନ କୁହ ଯାହାଙ୍କ ସ୍ୱରୂପ ହୋଇଥିବା 'ଗୋସାଇଁ' ପୀଡ଼ିତ ହୁଅନ୍ତି, ଗୋଲକର ସ୍ୱାମୀ ସେହି ଶ୍ରୀକୃଷ୍ଣ ଏସବୁ ରୋଗରେ ପୀଡ଼ିତ କାହିଁକି ହୋଇନଥିବେ ? ଆଉ ଯଦି ଶ୍ରୀକୃଷ୍ଣ ପୀଡ଼ିତ ହୁଅନ୍ତି ନାହିଁ, ତେବେ ମର୍ତ୍ତ୍ୟରେ ତାଙ୍କର ସ୍ୱରୂପ ଗୋସାଇଁ କାହିଁକି ପୀଡ଼ିତ ହୁଅନ୍ତି ?

# ଅଥୈକାଦଶସମୁଲ୍ଲାସାରମ୍ଭଃ

## ଅଥାଽଽର୍ଯ୍ୟାବର୍ତ୍ତୀୟମତଖଣ୍ଡନମଣ୍ଡନେ ବିଧାସ୍ୟାମଃ

**ପୂର୍ବାନୁକ୍ରମିକ...** **ମହର୍ଷି ଦୟାନନ୍ଦ ସରସ୍ୱତୀ**

### ଦାଦୂ-ରାମସ୍ନେହୀ ଆଦି ପନ୍ଥ ସମୀକ୍ଷା

**ପ୍ରଶ୍ନ —** ଦାଦୂପନ୍ଥୀଙ୍କ ମାର୍ଗ ତ ଭଲ ?

**ଉତ୍ତର — ଭଲ ମାର୍ଗ ତ ହେଲା ବେଦମାର୍ଗ । ଯିଏ ଗ୍ରହଣ କରୁଛ କର, ନଚେତ୍ ଦୁଃଖ-ସାଗରରେ ଉବୁଟୁବୁ ହେଉଥିବ ।** ଦାଦୂପନ୍ଥୀଙ୍କ କହିବା ଅନୁସାରେ ଦାଦୂଙ୍କ ଜନ୍ମ ଗୁଜୁରାଟରେ ହୋଇଥିଲା । ପରେ ସେ ଜୟପୁର ନିକଟସ୍ଥ 'ଆମେର'ରେ ରହୁଥିଲେ । ସେ ତେଲି କାମ କରୁଥିଲେ । **ଈଶ୍ୱରଙ୍କ ସୃଷ୍ଟିର ବିଚିତ୍ର ଲୀଳା ଦେଖନ୍ତୁ ଯେ ଦାଦୂ ମଧ୍ୟ ପୂଜା ପାଇବାକୁ ଲାଗିଲେ ।** ବର୍ତ୍ତମାନ ତାଙ୍କ ଅନୁଗାମୀମାନେ ବେଦାଦି ଶାସ୍ତ୍ରର ସବୁ କଥା ଛାଡ଼ି 'ଦାଦୂରାମ-ଦାଦୂରାମ' କହିବାରେ ହିଁ ମୁକ୍ତି ପ୍ରାପ୍ତି ହୋଇଯିବ ବୋଲି ମାନିନେଇଛନ୍ତି । **ଯେତେବେଳେ ସଂସାରରେ ସତ୍ୟୋପଦେଶକଙ୍କ ଅଭାବ ହୋଇଯାଏ ସେତେବେଳେ ଏପରି ଝମେଲାସବୁ ଚାଲିବାକୁ ଲାଗେ ।**

ଅଳ୍ପଦିନ ହେଲା ଶାହାପୁରାରୁ 'ରାମସ୍ନେହୀ' ନାମକ ଏକ ମତ ଆରମ୍ଭ ହୋଇଛି । ସେମାନେ ବେଦୋକ୍ତ ଧର୍ମ-କର୍ମ ସବୁ ଛାଡ଼ି 'ରାମ-ରାମ' ଘୋଷିବାକୁ ଉତ୍ତମ ବୋଲି ମାନୁଛନ୍ତି । ସେଇଥିରେ ହିଁ ଜ୍ଞାନ, ଧ୍ୟାନ, ମୁକ୍ତି ସବୁ ହୋଇଯିବ ବୋଲି ମାନୁଛନ୍ତି । କିନ୍ତୁ ଯେତେବେଳେ ଭୋକ ଲାଗୁଛି, ସେତେବେଳେ 'ରାମନାମ'ରୁ ତ ରୁଟି-ତରକାରୀ ପ୍ରାପ୍ତ ହେଉନି । କାରଣ ଖାଦ୍ୟପେୟ ଆଦି ତ ଗୃହସ୍ଥଙ୍କ ଘରେ ହିଁ ମିଳେ । ସେମାନେ ମଧ୍ୟ ମୂର୍ତ୍ତିପୂଜାକୁ ନିନ୍ଦା କରନ୍ତି; କିନ୍ତୁ ସେମାନେ ସ୍ୱୟଂ ମୂର୍ତ୍ତି ହୋଇଯାଉଛନ୍ତି । ସ୍ତ୍ରୀମାନଙ୍କ ସହିତ ବହୁତ ରହନ୍ତି; କାରଣ 'ରାମ'ଙ୍କୁ ତ 'ରାମା' ବିନା ଆନନ୍ଦ ହିଁ ମିଳିପାରେ ନାହିଁ ।

ବର୍ତ୍ତମାନ **'ରାମସ୍ନେହୀ'** ମତ ବିଷୟରେ କିଛି ବିଶେଷ ଲେଖାଯାଉଛି — **'ରାମଚରଣ'** ନାମକ ଜଣେ ବ୍ୟକ୍ତି ବାବାଜୀ ହୋଇଗଲା, ଯାହାର ମତ ମୁଖ୍ୟତଃ 'ଶାହାପୁରା'ର ମେବାଡ଼ଠାରେ ପ୍ରଚଳିତ । ସେହି ସମ୍ପ୍ରଦାୟୀମାନେ 'ରାମ-ରାମ'କୁ ହିଁ ପରମମନ୍ତ୍ର ଓ ଏପରି କରିବାକୁ ହିଁ ସିଦ୍ଧାନ୍ତ ବୋଲି ମାନନ୍ତି । **ସନ୍ତଦାସ ପ୍ରଭୃତିଙ୍କ ବାଣୀ** ଥିବା ତାଙ୍କର ଏକ ଗ୍ରନ୍ଥରେ ଏପରି ଭାବେ ଲେଖାଯାଇଛି —

**ଭରମ୍ ରୋଗ୍ ତବ୍ ହୀ ମିଟ୍ୟା, ରଟ୍ୟା ନିରଞ୍ଜନ ରାଇ ।**
**ଜବ୍ ଜମ୍ କା କାଗଜ୍ ଫଟ୍ୟା, କଟ୍ୟା କରମ୍ ତବ୍ ଜାଇ ॥** (ସୁମରଣ କୋ ଅଙ୍ଗ ୧୬)

ବର୍ତ୍ତମାନ ବୁଦ୍ଧିମାନ ଲୋକେ ସ୍ୱୟଂ ବିଚାର କରିନିଅନ୍ତୁ ଯେ 'ରାମ-ରାମ' ଜପ କଲେ ଭ୍ରମ ଅର୍ଥାତ୍ ଅଜ୍ଞାନ, ଯମରାଜଙ୍କ ପାପ ଅନୁସାରେ ଶାସନ କିମ୍ବା କୃତ କର୍ମ ଦୂର ହୋଇପାରିବ ନା ନାହିଁ ? ଏହା କେବଳ ମନୁଷ୍ୟମାନଙ୍କୁ ପାପରେ ପ୍ରବୃତ୍ତ କରିବା ଓ ମଣିଷ ଜନ୍ମକୁ ନଷ୍ଟ କରିବାର ଉପାୟ । ବର୍ତ୍ତମାନ ତାଙ୍କର ମୁଖ୍ୟ ଗୁରୁ **'ରାମଚରଣ'**ଙ୍କ ବଚନ ଶୁଣନ୍ତୁ —

**ମହିମା ନାଁବ ପ୍ରତାପ୍ କୀ, ସୁଣୌ ସରବଣ ଚିତ ଲାଇ ।**

**ରାଂମଚରଣ ରସନା ରଟୌ, କ୍ରମ ସକଲ ଝଡ଼ ଜାଇ ॥ ୧ ॥**
**ଜିନ ଜିନ ସୁମିର୍‌ୟା ନାଁବ କୂଂ, ସୋ ସବ ଉତର୍‌ୟା ପାର ।**
**ରାଂମଚରଣ ଜୋ ବୀସର୍‌ୟା, ସୋ ହୀ ଜମ କେ ଦ୍ୱାର ॥ ୨ ॥**
**ରାଂମ ବିନା ସବ ଝୂଠ ବତାୟୋ ।**
**ରାଂମ ଭଜନ ଛୂଟ୍ୟା ସବ କ୍ରମ୍ମା । ଚଂଦ ଅରୁ ସୂର ଦେଇ ପରକମ୍ମା ॥**
**ରାଂମ କହେ ତିନ କୂଂ ଭୈ ନାହୀଂ । ତୀନ ଲୋକ ମେଂ କୀରତିଂ ଗାହୀଂ ॥**
**ରାଂମ ରଟତ ଜମ ଜୋର ନ ଲାଗୈ ।**
**ରାଂମ ନାମ ଲିଷ ପଥର ତରାଈ । ଭଗତି ହେତି ଔତାର ହୀ ଧରହୀ ॥**
**ଉଂଚ ନୀଚ କୁଲ ଭେଦ ବିଋରୈ । ସୋ ତୋ ଜନମ୍ ଆପଣୋ ହାରେ ॥**
**ସଂତାଂ କୈ କୁଲ ଦୀସୈ ନାହୀଂ । ରାଂମ ରାଂମ କହ ରାଂମ ସମ୍ହାଂ ହୀଂ ॥**
**ଐସୋ କୁଣ ଜୋ କୀରତି ଗାବୈ । ହରି ହରିଜନ କୌ ପାର ନ ପାବୈ ॥**
**ରାଂମ ସଂତାଂ କା ଅନ୍ତ ନ ଆବୈ । ଆପ ଆପକୀ ବୁଦ୍ଧି ସମ ଗାବୈ ॥** (ରାମଚରଣ ବାଣୀ)

**ଏସବୁର ଖଣ୍ଡନ —**

ପ୍ରଥମ କଥା ତ **ରାମଚରଣ** ଆଦିଙ୍କ ଗ୍ରନ୍ଥ ଦେଖିଲେ ଜଣାଯାଏ ଯେ ରାମଚରଣ ଜଣେ ସାଧାସିଧା ଗାଉଁଲି ଲୋକ ଥିଲା । ସେ କିଛି ପଢ଼ାଶୁଣା କରି ନ ଥିଲା, ନଚେତ୍ ଏପରି ଗୁଲିଗପ କାହିଁକି ଲେଖିଥାନ୍ତା ? ଏହା କେବଳ ଏମାନଙ୍କ ଭ୍ରମ ଯେ 'ରାମ-ରାମ' କହିବା ଦ୍ୱାରା ପାପ କର୍ମ ନଷ୍ଟ ହୋଇଯାଏ । ଏମାନେ କେବଳ ନିଜର ଓ ଅନ୍ୟର ଜନ୍ମକୁ ବ୍ୟର୍ଥ କରୁଛନ୍ତି ।

ଯମର ଭୟ ତ ବହୁତ ବଡ଼ ଭୟ, ସେଇଟା କ'ଣ ଦୂର ହେବ; 'ରାମ-ରାମ' ଜପିବା ଦ୍ୱାରା ସାଧାରଣ ରାଜସିପାହୀ, ଚୋର, ଡାକୁ, ବାଘ, ସାପ, ବିଛା ଓ ମଶା ଆଦିଙ୍କ ଭୟ ବି କେବେ ଦୂର ହୁଏନି । ଦିନରାତି 'ରାମ-ରାମ' ଜପ କଲେ ମଧ୍ୟ କିଛି ବି ହେବ ନାହିଁ । 'ଚିନି-ଚିନି' କହିଲେ ଯେପରି ପାଟି ମିଠା ହୋଇଯାଏ ନାହିଁ, ସେହିପରି ସତ୍ୟଭାଷଣାଦି ଧର୍ମ ଆଚରଣ ନ କରି 'ରାମ-ରାମ' କହିଲେ କିଛି ବି ହେବ ନାହିଁ । ଥରେ 'ରାମ-ରାମ' କହିଲେ ଯଦି ଏମାନଙ୍କ ରାମ ଶୁଣନ୍ତି ନାହିଁ, ତେବେ ଜୀବନ ସାରା କହିଲେ ମଧ୍ୟ ଶୁଣିବେ ନାହିଁ । ଆଉ ଯଦି ଥରକରେ ହିଁ ରାମ ଶୁଣନ୍ତି ତେବେ ଦ୍ୱିତୀୟ ଥର ମଧ୍ୟ 'ରାମ-ରାମ' କହିବା ନିରର୍ଥକ । ଏମାନେ ନିଜର ପେଟ ଭରିବା ଓ ଅନ୍ୟର ଜନ୍ମ ନଷ୍ଟ କରିବା ପାଇଁ ଗୋଟିଏ ପାଖଣ୍ଡ ଆରମ୍ଭ କରିଛନ୍ତି । ଏଇଠି ବଡ଼ ଆଶ୍ଚର୍ଯ୍ୟର କଥା ଆମେ ଶୁଣୁଛୁ ଓ ଦେଖୁଛୁ ଯେ, ଏମାନେ ନାଁ ତ ରଖିଛନ୍ତି 'ରାମସ୍ନେହୀ', କିନ୍ତୁ କାମ କରୁଛନ୍ତି 'ରାଣ୍ଡସ୍ନେହୀ'ର । ଯେଉଁଠି ଦେଖ ସେଇଠି ରାଣ୍ଡ ହିଁ ରାଣ୍ଡ ଏ ବାବାଜୀମାନଙ୍କୁ ଘେରିଛନ୍ତି । **ଯଦି ଏପରି ପାଖଣ୍ଡ ସବୁ ଋଲି ନ ଥାନ୍ତା, ତେବେ ଆର୍ଯ୍ୟାବର୍ତ୍ତ ଦେଶର ଆଜି ଏ ଦୁର୍ଦ୍ଦଶା କାହିଁକି ହୋଇଥାନ୍ତା ?** ଏମାନେ ନିଜ ଚେଲାଙ୍କୁ ଅଇଁଠା ଖାଇବାକୁ ଦିଅନ୍ତି । ସ୍ତ୍ରୀମାନେ ବି ଲମ୍ବଭାବରେ ପଡ଼ି ଦଣ୍ଡବତ୍ ଏମାନଙ୍କୁ ପ୍ରଣାମ କରନ୍ତି । ଏକାନ୍ତରେ ମଧ୍ୟ ସ୍ତ୍ରୀ ଲୋକ ଓ ବାବାଜୀମାନଙ୍କ ଲୀଳା ଋଲିଥାଏ ।

ବର୍ତ୍ତମାନ ଏମାନଙ୍କର ଅନ୍ୟ ଏକ ଶାଖା ମାରବାଡ଼ ଦେଶର 'ଖେଡ଼ାପା' ଗାଆଁରେ ଚାଲିଛି । ତା'ର ଇତିହାସ ହେଲା - ଢେଢ଼ ଜାତିର ରାମଦାସ ନାମକ ଜଣେ ଚାଲାକ ଲୋକ ଥିଲା । ତା'ର ଦୁଇଟି ସ୍ତ୍ରୀ ଥିଲେ । ସେ ପ୍ରଥମେ ବହୁତ ଦିନ ପର୍ଯ୍ୟନ୍ତ ଅଘୋର ହୋଇ କୁକୁରଙ୍କ ସହ ଖାଉଥିଲା । ପରେ ବାମମାର୍ଗୀ କୁଣ୍ଡାପନ୍ଥୀ ହେଲା । ତା'ପରେ 'ରାମଦେବ'ଙ୍କ 'କାମଡ଼ିୟା' ହେଲା । ରାଜପୁତାନାରେ 'ମୋଚି'ମାନେ ଗେରୁଆ ବସ୍ତ୍ର ପିନ୍ଧି ରାମଦେବ ଆଦିଙ୍କ ଗୀତ, ଯାହାକୁ କି ସେମାନେ 'ଶବ୍ଦ' ବୋଲି କହନ୍ତି ତାହା ଗାଇ ମୋଚି ତଥା ଅନ୍ୟ ଜାତିର ଲୋକଙ୍କୁ ଶୁଣାନ୍ତି । ସେମାନଙ୍କୁ 'କାମଡ଼ିୟା' କୁହାଯାଏ । ନିଜର ଦୁଇ ସ୍ତ୍ରୀଙ୍କୁ ସାଥିରେ ନେଇ ଗୀତ ଗାଉଥିଲା । ଏପରି ଭାବେ ବୁଲି-ବୁଲି ଯୋଧପୁର ରାଜ୍ୟର ଏକ ବଡ଼ ଗାଆଁ 'ସୀଥଲ'ରେ ରହୁଥିବା ଢେଢ଼ମାନଙ୍କ ଗୁରୁ 'ହରରାମଦାସ'ଙ୍କୁ ସାକ୍ଷାତ କଲା । ସେ ତାକୁ ରାମଦେବଙ୍କ ପନ୍ଥ ବିଷୟରେ ବୁଝାଇ ନିଜର ଚେଲା କରିନେଲା । ତା'ପରେ ସେହି ରାମଦାସ ଖେଡ଼ାପା ଗାଆଁରେ ଆସ୍ଥାନ ଜମେଇଲା ଏବଂ ଏପଟେ ତା'ର ମତ ଚାଲିଲା ।

ସେପଟେ ଶାହାପୁରାରେ ରାମଚରଣର ମତ ପ୍ରସାରିତ ହେଲା । ତା'ର ମଧ୍ୟ ଇତିହାସ ବିଷୟରେ ଏପରି ଶୁଣାଯାଏ ଯେ ସେ ଜୟପୁରର ବେପାରୀ ଥିଲା । ସେ ଜୟପୁର ଜିଲ୍ଲାର 'ଦାନ୍ତଡ଼ା' ଗାଆଁର ଜଣେ ସାଧୁଙ୍କ ଠାରୁ ସାଧୁବେଶ ନେଲା ଓ ତାଙ୍କୁ ଗୁରୁ କଲା ଏବଂ ଶାହାପୁରାକୁ ଆସି ଆସ୍ଥାନ ଜମେଇଲା । ସରଳ ଅଶିକ୍ଷିତ ଲୋକଙ୍କ ଭିତରେ ପାଖଣ୍ଡର ଚେର ଶୀଘ୍ର ଜମିଯାଏ, ତେଣୁ ଜମିଗଲା । ପୂର୍ବ ବର୍ଣ୍ଣିତ ରାମଚରଣଙ୍କ ବଚନରୁ ଜଣାଯାଏ ଯେ ଏମାନଙ୍କ ଭିତରେ ଉଚ୍ଚ-ନୀଚ ଭେଦଭାବ ନାହିଁ । ବ୍ରାହ୍ମଣଠାରୁ ଆରମ୍ଭ କରି ଅନ୍ତ୍ୟଜ ପର୍ଯ୍ୟନ୍ତ ସମସ୍ତେ ଏ ସଂସ୍ଥାରେ ଚେଲା ହୁଅନ୍ତି । ବର୍ତ୍ତମାନ ମଧ୍ୟ କୁଣ୍ଡାପନ୍ଥୀ ହିଁ ଅଛନ୍ତି । କାରଣ ମାଟିର କୁଣ୍ଡରେ ହିଁ ଖାଆନ୍ତି ଓ ସାଧୁମାନଙ୍କ ଅଇଁଠା ଖାଆନ୍ତି । ଏ ବାବାଜୀମାନେ ଲୋକମାନଙ୍କୁ ଭୁଲାଭୁଲି କରି ବେଦଧର୍ମ, ମାତା-ପିତା, ସାଂସାରିକ ବ୍ୟବହାରରୁ ବିମୁଖ କରାଇ ନିଅନ୍ତି ଓ ନିଜର ଚେଲା କରିଦିଅନ୍ତି । ରାମ ନାମକୁ ମହାମନ୍ତ୍ର ବୋଲି ମାନନ୍ତି ଓ ଏହାକୁ 'ଛୂଛମ୍'(ସୂକ୍ଷ୍ମ) ବେଦ ବୋଲି ବି କହନ୍ତି । ଏମାନଙ୍କ କହିବା କଥା ହେଲା ଯେ 'ରାମ-ରାମ' କହିଲେ ଅନନ୍ତ ଜନ୍ମର ପାପ କ୍ଷୟ ହୋଇଯାଏ, ଏହା ବ୍ୟତୀତ କାହାକୁ ମୁକ୍ତି ମିଳେ ନାହିଁ ।

ଯିଏ ଶ୍ୱାସ-ପ୍ରଶ୍ୱାସରେ 'ରାମ-ରାମ' ଉଚ୍ଚାରଣ କରିବାକୁ ଶିଖାଏ, ତାକୁ 'ସତ୍ୟଗୁରୁ' କହନ୍ତି । ସତ୍ୟଗୁରୁଙ୍କୁ ଏମାନେ ପରମେଶ୍ୱରଙ୍କଠାରୁ ମଧ୍ୟ ବଡ଼ ବୋଲି ମାନନ୍ତି ଓ ତାଙ୍କ ମୂର୍ତ୍ତିକୁ ଧ୍ୟାନ କରନ୍ତି । ସାଧୁମାନଙ୍କ ଚରଣ ଧୋଇ ପାଦୁକ ପିଅନ୍ତି । ଗୁରୁଙ୍କଠାରୁ ଚେଲା ଦୂର ସ୍ଥାନକୁ ଗଲେ ଗୁରୁଙ୍କ ନଖ ଓ ଦାଢ଼ିରୁ କିଛି ଅଂଶ ନିଜ ପାଖରେ ରଖିନିଅନ୍ତି । ପ୍ରତିଦିନ ସେହି ନଖ ଓ ବାଳକୁ ଧୋଇ ସେହି ପାଣି ପିଅନ୍ତି । ରାମଦାସ ଓ ହରରାମଦାସଙ୍କ ବାଣୀର ପୁସ୍ତକକୁ ବେଦଠାରୁ ବି ଅଧିକ ବୋଲି ମାନନ୍ତି । ସେହି ପୁସ୍ତକକୁ ପରିକ୍ରମା ଓ ଆଠ ବାର ଦଣ୍ଡବତ ପ୍ରଣାମ କରନ୍ତି । ଆଉ ଯଦି ଗୁରୁ ସମୀପରେ ଥାଆନ୍ତି ତ ଗୁରୁଙ୍କୁ ଦଣ୍ଡପ୍ରଣାମ କରନ୍ତି । ସ୍ତ୍ରୀ ଓ ପୁରୁଷ ଉଭୟଙ୍କୁ ଏକା ଭଳି 'ରାମ-ରାମ' ମନ୍ତ୍ରୋପଦେଶ କରନ୍ତି । ନାମସ୍ମରଣ ଦ୍ୱାରା ହିଁ କଲ୍ୟାଣ ହୋଇଯିବ ବୋଲି ମାନନ୍ତି ଓ ବିଦ୍ୟା ଅଧ୍ୟୟନକୁ ପାପ ବୋଲି ବିଚାର କରନ୍ତି । ସେମାନଙ୍କ ସାଖୀ —

**ପଣ୍ଡତାଇ ପାନେ ପଢ଼ୀ, ଓ ପୂରବ୍ ଲୋ ପାପ୍ ।**
**ରାମ-ରାମ ସୁମର୍ୟାଂ ବିନା, ରଇଗ୍ୟୋ ରୀତୋ ଆପ୍ ॥ ୧ ॥**
**ବେଦ ପୁରାଣ ପଢ଼େ ପଢ଼ ଗୀତା, ରାଂମ ଭଜନ ବିନ୍ ରଇ ଗୟେ ରୀତା ॥**

ଏଭଳି ପୁସ୍ତକ ସବୁ ରଚନା କରିଛନ୍ତି । ସ୍ତ୍ରୀ ନିଜ ପତିଙ୍କୁ ସେବା କରିବା ପାପ ଓ ଗୁରୁ-ସାଧୁଙ୍କୁ ସେବା କରିବା ଧର୍ମ ବୋଲି କହନ୍ତି । ବର୍ଣ୍ଣାଶ୍ରମକୁ ମାନନ୍ତି ନାହିଁ । ଯଦି ବ୍ରାହ୍ମଣ ମଧ୍ୟ ରାମସ୍ନେହୀ ସମ୍ପ୍ରଦାୟଭୁକ୍ତ ହୋଇନାହିଁ ତେବେ ତାକୁ ନୀଚ, ଏବଂ ଚଣ୍ଡାଳ ବି ରାମସ୍ନେହୀ ହୋଇଥିଲେ ତାକୁ ଶ୍ରେଷ୍ଠ ବୋଲି ମାନନ୍ତି । ଏଣେ ଈଶ୍ୱରଙ୍କ ଅବତାର ହେବା କଥାକୁ ସ୍ୱୀକାର କରନ୍ତି ନାହିଁ, କିନ୍ତୁ ତେଣେ ରାମଚରଣଙ୍କ ପୂର୍ବ ଉଦ୍ଧୃତ ବଚନ — **'ଭଗତି ହେତି ଔତାର ହୀ ଧରହୀ'** — ଭକ୍ତ ଓ ସନ୍ଥମାନଙ୍କ ହିତ ପାଇଁ ଅବତାର ନିଅନ୍ତି, ଏହି କଥାକୁ ବି ମାନନ୍ତି । ଇତ୍ୟାଦି ଏମାନଙ୍କର ଯେତେସବୁ ପାଖଣ୍ଡ-ପ୍ରପଞ୍ଚ ରହିଛି, ସେସବୁ ଆର୍ଯ୍ୟାବର୍ତ୍ତ ଦେଶ ପାଇଁ ଅହିତକାରକ । ଏତିକିରୁ ହିଁ ବୁଦ୍ଧିମାନ୍‌ମାନେ ବହୁତ କିଛି ବୁଝିନେବେ ।

## ଗୋକୁଳ-ଗୋସାଇଁଙ୍କ ମତ ସମୀକ୍ଷା

**ପ୍ରଶ୍ନ —** **'ଗୋକୁଳ ଗୋସାଇଁ'**ମାନଙ୍କ ମତ ତ ବହୁତ ଭଲ । ଦେଖ ! କିପରି ଐଶ୍ୱର୍ଯ୍ୟ ଭୋଗ କରୁଛନ୍ତି । ଐଶ୍ୱରିକ ଲୀଳା ବିନା ଏପରି କ'ଣ ହୋଇପାରେ ?

**ଉତ୍ତର —** ଏସବୁ ଐଶ୍ୱର୍ଯ୍ୟ ଗୃହସ୍ଥମାନଙ୍କର, ଗୋସାଇଁମାନଙ୍କର କିଛି ବି ନୁହେଁ ।

**ପ୍ରଶ୍ନ —** ବାଃ-ବାଃ ! ଏସବୁ ଐଶ୍ୱର୍ଯ୍ୟ ଗୋସାଇଁମାନଙ୍କର ପ୍ରତାପ ଯୋଗୁଁ ଉପଲବ୍ଧ ହୋଇଛି । ନଚେତ୍ ଏପରି ଐଶ୍ୱର୍ଯ୍ୟ ଅନ୍ୟମାନଙ୍କୁ କାହିଁକି ମିଳୁନାହିଁ ?

**ଉତ୍ତର —** ଅନ୍ୟମାନେ ବି ଯଦି ଏହିଭଳି ଛଳ-ପ୍ରପଞ୍ଚ ରଚିବେ ତେବେ ସେମାନଙ୍କୁ ମଧ୍ୟ ଐଶ୍ୱର୍ଯ୍ୟ ମିଳିବାରେ ସନ୍ଦେହ କ'ଣ ? ଆଉ ଯଦି କେହି ଏମାନଙ୍କଠୁ ଅଧିକ ଧୂର୍ତ୍ତତା କରେ ତେବେ ଆହୁରି ଅଧିକ ଐଶ୍ୱର୍ଯ୍ୟ ବି ମିଳିପାରିବ ।

**ପ୍ରଶ୍ନ —** ବାଃ ରେ ବାଃ ! ଏଥିରେ ଧୂର୍ତ୍ତତା କ'ଣ ? ସବୁ ଗୋଲକର ଲୀଳା ।

**ଉତ୍ତର —** ଏସବୁ ଗୋଲକର ଲୀଳା ନୁହେଁ, ବରଂ ଗୋସାଇଁମାନଙ୍କ ଲୀଳା । ଆଉ ଯଦି ଏହା ଗୋଲକର ଲୀଳା ହୋଇଥାଏ, ତେବେ ଗୋଲକ ମଧ୍ୟ ଏପରି ହିଁ ହୋଇଥିବ ।

ଏହି ମତ **'ତୈଲଙ୍ଗ'** ପ୍ରଦେଶରୁ ଆରମ୍ଭ ହୋଇଛି । କାରଣ **ଲକ୍ଷ୍ମଣ ଭଟ୍ଟ** ନାମକ ଜଣେ ତୈଲଙ୍ଗୀ ବ୍ରାହ୍ମଣ ବିବାହ ପରେ କୌଣସି କାରଣରୁ ମାତା, ପିତା ଓ ପତ୍ନୀକୁ ଛାଡ଼ି କାଶୀ ଯାଇ ସେଠାରେ ସନ୍ନ୍ୟାସ ନେଇଗଲା ଓ ମିଛ କହିଥିଲା କି ମୋର ବିବାହ ହୋଇନାହିଁ । ଦୈବଯୋଗକୁ ତା'ର ମାଆ, ବାପା ଓ ସ୍ତ୍ରୀ ଶୁଣିଲେ ଯେ ସେ କାଶୀରେ ସନ୍ନ୍ୟାସୀ ହୋଇଯାଇଛି । ତା'ର ମାଆ, ବାପା ଓ ସ୍ତ୍ରୀ କାଶୀରେ ଯାଇ ପହଞ୍ଚିଲେ । ଯିଏ ତାକୁ ସନ୍ନ୍ୟାସ ଦେଇଥିଲେ, ତାଙ୍କୁ କହିଲେ ଯେ, 'ଯାକୁ ସନ୍ନ୍ୟାସୀ କାହିଁକି କଲେ ? ଦେଖନ୍ତୁ ! ତା'ର ଏହି ଯୁବତୀ ସ୍ତ୍ରୀ ଅଛି ?' ପୁଣି ସେ ସ୍ତ୍ରୀ ମଧ୍ୟ କହିଲା — 'ଆପଣ ଯଦି ମୋ ସ୍ୱାମୀଙ୍କୁ ମୋ ସହ ଘରକୁ ନ ପଠାଇବେ, ତେବେ ମୋତେ ମଧ୍ୟ ସନ୍ନ୍ୟାସ ଦେଇଦିଅନ୍ତୁ ।' ଏହା ଶୁଣି ସନ୍ନ୍ୟାସ ଦେଇଥିବା ସେ ଗୁରୁ ଲକ୍ଷ୍ମଣ ଭଟ୍ଟକୁ ଡକାଇ କହିଲେ — 'ତୁମେ ବଡ଼ ମିଥ୍ୟାବାଦୀ । ସନ୍ନ୍ୟାସ ଛାଡ଼ି ଗୃହସ୍ଥାଶ୍ରମ କର । କାରଣ ବିବାହ କରିନାହଁ ବୋଲି ମିଛ କହି ସନ୍ନ୍ୟାସ ନେଲ ।' ସେ ସେହିପରି ହିଁ କଲା । ସନ୍ନ୍ୟାସ ଛାଡ଼ି ପତ୍ନୀ ସହ ଗାଆଁକୁ ଫେରିଲା ।

ଦେଖ ! ଏହି ମତର ମୂଳଦୁଆ ହିଁ ମିଛ-କପଟରେ ପଡ଼ିଛି । ଲକ୍ଷ୍ମଣ ଭଟ୍ଟ ଯେତେବେଳେ ଗାଆଁରେ ପହଞ୍ଚିଲା, ତାଙ୍କ ଜାତିଭାଇମାନେ ତାକୁ ଆଉ ସମାଜରେ ଗ୍ରହଣ କଲେ ନାହିଁ । ଗାଆଁ ଛାଡ଼ି ପତ୍ନୀକୁ ନେଇ ନାନା ସ୍ଥାନ ବୁଲିବାକୁ ଲାଗିଲା । କାଶୀ ନିକଟରେ **'ଚରଣାଗଡ଼'** ଅଛି, ତା'ର ଅଳ୍ପ ଦୂରରେ 'ଚମ୍ପାରଣ୍ୟ' ଜଙ୍ଗଲ ଅଛି । ସେ ସେହି

ଜଙ୍ଗଲକୁ ଯାଉଥିଲା । ସେଠାରେ ଦେଖିଲା କୌଣସି ଲୋକ ଛୋଟ ଛୁଆକୁ ଜଙ୍ଗଲରେ ଛାଡ଼ିଦେଇ, ବନ୍ୟଜନ୍ତୁଙ୍କ ମୁହଁରୁ ତାକୁ ରକ୍ଷା କରିବା ଉଦ୍ଦେଶ୍ୟରେ ତା' ଚାରିପାଖେ ଅଳ୍ପ ଦୂରରେ ନିଆଁ ଜଳାଇ ଚାଲିଯାଇଛି । ଲକ୍ଷ୍ମଣ ଭଟ୍ଟ ଓ ତାଙ୍କ ପତ୍ନୀ ସେ ବାଳକକୁ ନେଇ ନିଜ ପୁଅ କରି ପାଳନ କଲେ । ତା'ପରେ କାଶୀରେ ଯାଇ ରହିଲେ । ପିଲାଟି ବଡ଼ ହେବା ପରେ ମା-ବାପାଙ୍କର ମୃତ୍ୟୁ ହୋଇଗଲା । ସେ ପିଲା ବାଲ୍ୟାବସ୍ଥାରୁ ଯୁବାବସ୍ଥା ଯାଏ କାଶୀରେ କିଛି-କିଛି ପଢ଼ିଲା । ତା'ପରେ ବିଷ୍ଣୁସ୍ୱାମୀ ମନ୍ଦିରରେ ଚେଲା ହୋଇଗଲା । ସେଠାରେ କେବେ କିଛି ଖଟ୍‌ଖଟ୍ ହେବାରୁ ପୁଣି କାଶୀ ଚାଲିଗଲା ଓ ସନ୍ନ୍ୟାସ ନେଇଗଲା । ତା'ଭଳି ହିଁ କୌଣସି ଜାତି ବହିଷ୍କୃତ ବ୍ରାହ୍ମଣ କାଶୀରେ ରହୁଥିଲା । ତା'ର ଗୋଟିଏ ଯୁବତୀ ଝିଅ ଥିଲା । ସେ ଲୋକ ଯାକୁ କହିଲା — 'ତୁମେ ସନ୍ନ୍ୟାସ ଛାଡ଼ି ମୋ ଝିଅକୁ ବାହା ହୋଇଯାଅ ।' ତାହା ହିଁ ହେଲା । ଯା' ବାପା ଯେମିତି ଲୀଳା କରିଥିଲା ସେ ପୁଅ କାହିଁକି ସେମିତି ନ କରିବ ? ବିବାହ ପରେ ସେ ନିଜ ସ୍ତ୍ରୀକୁ ଧରି ପୁଣି ସେଇ ବିଷ୍ଣୁସ୍ୱାମୀ ମନ୍ଦିରକୁ ଗଲା ଯେଉଁଠି କି ସେ ପୂର୍ବରୁ ଚେଲା ହୋଇଥିଲା । ବିବାହ କରିଥିବାରୁ ତାକୁ ସେଠାରେ ରହିବାକୁ ଦିଆଗଲାନାହିଁ । ତା'ପରେ ଅବିଦ୍ୟା ଘର କରି ରହିଥିବା ବ୍ରଜଦେଶକୁ ଚାଲିଗଲା । ସେଠାରେ ଅନେକ ପ୍ରକାର ଛଳ-କପଟ କରି ନିଜର ପ୍ରପଞ୍ଚ ପ୍ରସାର କରିବାକୁ ଲାଗିଲା । ମିଛକଥା ପ୍ରଚାର କରିବାକୁ ଲାଗିଲା ଯେ — ଶ୍ରୀକୃଷ୍ଣଙ୍କ ସହ ମୋର ସାକ୍ଷାତ ହେଲା ଏବଂ ଶ୍ରୀକୃଷ୍ଣ ମୋତେ କହିଛନ୍ତି କି "ଗୋଲକରୁ ଯେଉଁ 'ଦୈବୀ ଜୀବ' ମର୍ତ୍ତ୍ୟ ଲୋକକୁ ଆସିଛନ୍ତି, ସେମାନଙ୍କୁ ବ୍ରହ୍ମସମ୍ବନ୍ଧ ଆଦି ଦ୍ୱାରା ପବିତ୍ର କରି ଗୋଲକକୁ ପଠାଅ ।" ଇତ୍ୟାଦି ପ୍ରଲୋଭନପୂର୍ଣ୍ଣ କଥା ମୂର୍ଖଙ୍କୁ ଶୁଣାଇ ଅଳ୍ପ କିଛି ଲୋକଙ୍କୁ ଅର୍ଥାତ୍ ୮୪ ଜଣଙ୍କୁ ବୈଷ୍ଣବ କଲା । ପୁଣି ନିମ୍ନଲିଖିତ ମନ୍ତ୍ର ତିଆରି କଲା । ସେଥିରେ ଫେରେ ଭେଦ ରଖିଲା । ଯଥା —

**ଶ୍ରୀକୃଷ୍ଣଃ ଶରଣଂ ମମ ॥ ୧ ॥**

**କ୍ଲୀଂ କୃଷ୍ଣାୟ ଗୋପୀଜନବଲ୍ଲଭାୟ ସ୍ୱାହା ॥ ୨ ॥**

(ଗୋପାଳସହସ୍ରନାମ ତଥା ପଦ୍ମପୁରାଣ(୬) ଉତ୍ତର. ୭୨:୧୨୨)

ଏ ଦୁଇଟି ସାଧାରଣ ମନ୍ତ୍ର । କିନ୍ତୁ ନିମ୍ନୋକ୍ତ ମନ୍ତ୍ର ବ୍ରହ୍ମସମ୍ବନ୍ଧ ଓ ସମର୍ପଣ କରାଇବା ମନ୍ତ୍ର —

**ଶ୍ରୀକୃଷ୍ଣଃ ଶରଣଂ ମମ ସହସ୍ରପରିବତ୍ସରମିତ କାଳଜାତକୃଷ୍ଣବିୟୋଗଜନିତତାପକ୍ଳେଶାନନ୍ତତିରୋଭାବୋଽହଂ ଭଗବତେ କୃଷ୍ଣାୟ ଦେହେନ୍ଦ୍ରିୟପ୍ରାଣାନ୍ତଃକରଣତଦ୍ଧର୍ମାଂଶ୍ଚ ଦାରାଗାରପୁତ୍ରାପ୍ତବିତ୍ତେହପରାଣ୍ୟାତ୍ମନା ସହ ସମର୍ପୟାମି, ଦାସୋଽହଂ କୃଷ୍ଣ ତବାସ୍ମି ॥**

ଏହି ମନ୍ତ୍ର ଉପଦେଶ କରି କିଛି ଶିଷ୍ୟ-ଶିଷ୍ୟାଙ୍କୁ ସମର୍ପଣ କରାନ୍ତି । **'କ୍ଲୀଂ କୃଷ୍ଣାୟେତି'** ର ଏହି **'କ୍ଲୀଂ'** ତନ୍ତ୍ରଗ୍ରନ୍ଥର । ଏଥିରୁ ଜଣାଯାଉଛି ଯେ ଏହି ବଲ୍ଲଭ ମତ ମଧ୍ୟ ବାମମାର୍ଗର ହିଁ ଏକ ଭାଗ ବିଶେଷ । ଏଇଥିପାଇଁ ଗୋସାଇଁମାନେ ବହୁତ ନାରୀ ସଙ୍ଗ କରନ୍ତି । **'ଗୋପୀଜନବଲ୍ଲଭେତି'** — ତେବେ କ'ଣ କୃଷ୍ଣ କେବଳ ଗୋପୀମାନଙ୍କର ହିଁ ପ୍ରିୟ ଥିଲେ, ଅନ୍ୟମାନଙ୍କର ନାହିଁ ? ସ୍ତ୍ରୀମାନଙ୍କୁ ପ୍ରିୟ ସିଏ ହୋଇଥାଏ ଯିଏ **'ସ୍ତ୍ରୈଣ'** ଅର୍ଥାତ୍ ସ୍ତ୍ରୀ ଭୋଗରେ ଫସିଥାଏ । କ'ଣ ଶ୍ରୀକୃଷ୍ଣ ଏପରି ଥିଲେ ?

ବର୍ତ୍ତମାନ **'ସହସ୍ରପରିବତ୍ସରେତି'** ଉପରେ ବିଚାର କରିବା । ସହସ୍ର ବର୍ଷର ଗଣନା ବ୍ୟର୍ଥ । କାରଣ ବଲ୍ଲଭ ଓ ତାଙ୍କ ଶିଷ୍ୟମାନେ ସର୍ବଜ୍ଞ ନୁହନ୍ତି । କୃଷ୍ଣଙ୍କ ବିୟୋଗ ହୋଇ କେତେ ସହସ୍ର ବର୍ଷ ହୋଇଗଲାଣି ଏବଂ ଆଜି ଯାଏ ଅର୍ଥାତ୍ ଯେତେଦିନ ପର୍ଯ୍ୟନ୍ତ ବଲ୍ଲଭ ମତ ଆରମ୍ଭ ହୋଇ ନ ଥିଲା, ବଲ୍ଲଭଙ୍କ ଜନ୍ମ ହୋଇନଥିଲା, ସେତେଦିନ

ପର୍ଯ୍ୟନ୍ତ ନିଜର ଦୈବୀ ଜୀବଙ୍କୁ ଉଦ୍ଧାର କରିବା ପାଇଁ କେହି କାହିଁକି ଆସିଲେ ନାହିଁ? **'ତାପ'** ଓ **'କ୍ଲେଶ'** ଏ ଉଭୟ ପର୍ଯ୍ୟାୟବାଚୀ ଶବ୍ଦ । ଏ ଦୁଇଟି ମଧ୍ୟରୁ ଗୋଟିଏ ଗ୍ରହଣ କରିବା ଉଚିତ ଥିଲା, ଉଭୟ ନେବା ଅନୁଚିତ । ଏଠାରେ **'ଅନନ୍ତ'** ଶବ୍ଦ ପାଠ କରିବା ନିରର୍ଥକ । କାରଣ ଯଦି 'ଅନନ୍ତ' ଶବ୍ଦ ପାଠ କରାଯାଏ, ତେବେ 'ସହସ୍ର' ଶବ୍ଦ ନ ରହିବା ଉଚିତ । ଆଉ ଯଦି 'ସହସ୍ର' ଶବ୍ଦ ରଖାଯାଏ, ତେବେ 'ଅନନ୍ତ' ଶବ୍ଦ ରଖିବା ସର୍ବଥା ବୃଥା । ଆହୁରି ଗୋଟିଏ କଥା ଯେ ଯିଏ ଅନନ୍ତ କାଳ ଯାଏ 'ତିରୋହିତ' ଅର୍ଥାତ୍ ଆଚ୍ଛାଦିତ ରହେ, ତା'ର ମୁକ୍ତି ପାଇଁ ବଲ୍ଲଭ ଆସିବା ବୃଥା । ଯେହେତୁ କି ଅନନ୍ତର ଅନ୍ତ ହୁଏ ନାହିଁ ।

ଆଚ୍ଛା! ଦେହ, ଇନ୍ଦ୍ରିୟ, ପ୍ରାଣ, ଅନ୍ତଃକରଣ ଓ ତା'ର ଧର୍ମ; ସ୍ତ୍ରୀ, ସ୍ଥାନ, ପୁତ୍ର, ପ୍ରାପ୍ତଧନକୁ କୃଷ୍ଣଙ୍କୁ କାହିଁକି ଅର୍ପଣ କରାଯିବ? କାରଣ କୃଷ୍ଣ ପୂର୍ଣ୍ଣକାମ ହୋଇଥିବାରୁ କାହାରି ଦେହାଦିକୁ ଇଚ୍ଛା କରିପାରିବେ ନାହିଁ । ତା'ଛଡ଼ା ଦେହ ଆଦି ଅର୍ପଣ ମଧ୍ୟ କରାଯାଇପାରିବ ନାହିଁ । ଯେହେତୁ କି ଦେହର ଅର୍ଥ ନଖରୁ ଶିଖ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଶରୀର । ଦେହରେ ଯାହା କିଛି ଭଲ-ଖରାପ ଜିନିଷ ଅଛି, ଯଥା- ମଳ-ମୂତ୍ରାଦିକୁ ମଧ୍ୟ କେମିତି ଅର୍ପଣ କରାଯିବ? ତା'ଛଡ଼ା ଯେଉଁ ପାପ-ପୁଣ୍ୟାଦି କର୍ମ କରାଯାଏ, ସେସବୁକୁ କୃଷ୍ଣଙ୍କୁ ଅର୍ପଣ କଲେ ସେସବୁର ଫଳଭାଗୀ ମଧ୍ୟ ଶ୍ରୀକୃଷ୍ଣ ହିଁ ହେବେ । ଅର୍ଥାତ୍ ଏମାନେ ନାମ ତ କୃଷ୍ଣଙ୍କର ନିଅନ୍ତି; କିନ୍ତୁ ଅର୍ପଣ ନିଜ ପାଇଁ କରାନ୍ତି । ଶରୀରରେ ଯାହା କିଛି ମଳ-ମୂତ୍ରାଦି ଥାଏ, ସେସବୁକୁ ମଧ୍ୟ କାହିଁକି ଗୋସାଇଁଙ୍କୁ ଅର୍ପଣ ହୁଏ ନାହିଁ? କ'ଣ **'ମିଠା-ମିଠା ସ୍ୱାହା, ଆଉ ପିତା-ପିତା ଥୁ?'** ପୁଣି ଏକଥା ବି ଲେଖି ଦେଇଛନ୍ତି ଯେ କେବଳ ଗୋସାଇଁଙ୍କୁ ଅର୍ପଣ କରିବ, ଅନ୍ୟ ମତର ଲୋକଙ୍କୁ ନୁହେଁ । ଏସବୁ ସେମାନଙ୍କର ସ୍ୱାର୍ଥସିନ୍ଧୁପଣ ଓ ପରର ଧନ ହରଣ, ବେଦୋକ୍ତ ଧର୍ମବିନାଶ କରିବାର ଲୀଳା । ଦେଖ! ବଲ୍ଲଭଙ୍କ ଲୀଳା-ପ୍ରପଞ୍ଚ —

**ଶ୍ରାବଣସ୍ୟାମଲେ ପକ୍ଷେ ଏକାଦଶ୍ୟାଂ ମହାନିଶି ।**
**ସାକ୍ଷାଦ୍ ଭଗବତା ପ୍ରୋକ୍ତଂ ତଦକ୍ଷରଶ ଉଚ୍ୟତେ ॥ ୧ ॥**
**ବ୍ରହ୍ମସମ୍ବନ୍ଧକରଣାତ୍ ସର୍ବେଷାଂ ଦେହଜୀବୟୋଃ ।**
**ସର୍ବଦୋଷନିବୃତ୍ତିର୍ହି ଦୋଷାଃ ପଞ୍ଚବିଧାଃ ସ୍ମୃତାଃ ॥ ୨ ॥**
**ସହଜା ଦେଶକାଲୋତ୍ଥା ଲୋକବେଦନିରୂପିତାଃ ।**
**ସଂୟୋଗଜାଃ ସ୍ପର୍ଶଜାଶ୍ଚ ନ ମନ୍ତବ୍ୟାଃ କଦାଚନ ॥ ୩ ॥**
**ଅନ୍ୟଥା ସର୍ବଦୋଷାଣାଂ ନ ନିବୃତ୍ତିଃ କଥଞ୍ଚନ ।**
**ଅସମର୍ପିତବସ୍ତୂନାଂ ତସ୍ମାଦ୍ ବର୍ଜନମାଚରେତ୍ ॥ ୪ ॥**
**ନିବେଦିଭିଃ ସମର୍ପ୍ୟୈବ ସର୍ବଂ କୁର୍ଯ୍ୟାଦିତି ସ୍ଥିତିଃ ।**
**ନ ମତଂ ଦେବଦେବସ୍ୟ ସ୍ୱାମିଭୁକ୍ତିସମର୍ପଣମ୍ ॥ ୫ ॥**
**ତସ୍ମାଦାଦୌ ସର୍ବକାର୍ଯ୍ୟେ ସର୍ବବସ୍ତୁସମର୍ପଣମ୍ ।**
**ଦତ୍ତାପହାରବଚନଂ ତଥା ଚ ସକଲଂ ହରେଃ ॥ ୬ ॥**
**ନ ଗ୍ରାହ୍ୟମିତି ବାକ୍ୟଂ ହି ଭିନ୍ନମାର୍ଗପରଂ ମତମ୍ ।**

**ସେବକାନାଂ ଯଥା ଲୋକେ ବ୍ୟବହାରଃ ପ୍ରସିଧ୍ୟତି ॥ ୭ ॥**
**ତଥା କାର୍ଯ୍ୟଂ ସମର୍ପ୍ୟୈବ ସର୍ବେଷାଂ ବ୍ରହ୍ମତା ତତଃ ।**
**ଗଙ୍ଗାତ୍ୱେ ଗୁଣଦୋଷାଣାଂ ଗୁଣଦୋଷାଦିବର୍ଣ୍ଣନମ୍ ॥ ୮ ॥**

ଏସବୁ ଶ୍ଳୋକ ଗୋସାଇଁମାନଙ୍କ **'ସିଦ୍ଧାନ୍ତରହସ୍ୟ'** ଆଦି ଗ୍ରନ୍ଥରେ ଉଲ୍ଲେଖ ଅଛି । ଏହା ହେଉଛି ଗୋସାଇଁଙ୍କ ମତର ମୂଳତତ୍ତ୍ୱ । ଆଚ୍ଛା, ଏମାନଙ୍କୁ କେହି ହେଲେ ପଚାରିବା ଉଚିତ ଯେ **ଶ୍ରୀକୃଷ୍ଣଙ୍କ ଦେହାନ୍ତ ହୋଇ ତ ପ୍ରାୟ ପାଞ୍ଚ ହଜାର ବର୍ଷ ହୋଇଗଲାଣି ।** ସେ ବଲ୍ଲଭଙ୍କୁ ଶ୍ରାବଣ ମାସର ଅର୍ଦ୍ଧରାତ୍ରିରେ କେମିତି ମିଳିପାରିଲେ ? ॥ ୧ ॥

'ଯିଏ ଗୋସାଇଁଙ୍କ ଚେଲା ହୁଏ ଓ ତାଙ୍କୁ ସବୁ ପଦାର୍ଥ ସମର୍ପଣ କରିଦିଏ, ତା'ର ଶରୀର ଓ ଆତ୍ମାର ସବୁ ଦୋଷ ଦୂର ହୋଇଯାଏ ।' ଏହା ହିଁ ବଲ୍ଲଭଙ୍କ ପ୍ରପଞ୍ଚ ମୂର୍ଖଙ୍କୁ ଭୁଲାଇ ନିଜ ମତକୁ ଆଣିବା ପାଇଁ । ଯଦି ଗୋସାଇଁଙ୍କ ଚେଲା-ଚେଲୀମାନଙ୍କ ସବୁ ଦୋଷ ବାସ୍ତବରେ ଦୂର ହୋଇଯାଏ, ତେବେ ରୋଗ-ଦାରିଦ୍ର୍ୟ ଇତ୍ୟାଦି ଦୁଃଖ ଦ୍ୱାରା ସେମାନେ ପୀଡ଼ିତ କାହିଁକି ହେଉଛନ୍ତି ? ଏ ଦୋଷ ପାଞ୍ଚ ପ୍ରକାରର ॥ ୨ ॥

**୧. ସହଜ ଦୋଷ** — ଯାହାକି ସ୍ୱାଭାବିକ, ଅର୍ଥାତ୍ କାମ-କ୍ରୋଧାଦିରୁ ଉତ୍ପନ୍ନ । **୨.** କୌଣସି ଦେଶ-କାଳରେ କରାଯାଉଥିବା ନାନା ପ୍ରକାର ପାପ । **୩.** ସଂସାରରେ ଯାହାକୁ ଭକ୍ଷ୍ୟାଭକ୍ଷ୍ୟ କହନ୍ତି ଏବଂ ବେଦୋକ୍ତ ଯଥା - ମିଥ୍ୟାଭାଷଣାଦି । **୪. ସଂଯୋଗଜ** — ଅନୁଚିତ ସଙ୍ଗ କରିବା ଅର୍ଥାତ୍ ଚୋରି, ଜାରୀ, ମାଆ, ଭଉଣୀ, ଝିଅ, ବୋହୂ, ଗୁରୁପତ୍ନୀ ଆଦିଙ୍କ ସହ ସମାଗମ କରିବା । **୫. ସ୍ପର୍ଶଜ** — ଅସ୍ପୃଶ୍ୟଙ୍କୁ ସ୍ପର୍ଶ କରିବା । ଏ ପାଞ୍ଚ ଦୋଷକୁ ଗୋସାଇଁଙ୍କ ମତାବଲମ୍ବୀ କେବେ ମାନିବା ଉଚିତ ନୁହେଁ । ଅର୍ଥାତ୍ ଯଥେଚ୍ଛାଚାର କରିବେ ॥ ୩ ॥

'ଏସବୁ ଦୋଷ ଦୂର ହେବା ପାଇଁ ଗୋସାଇଁଙ୍କ ମତ ବ୍ୟତୀତ ଅନ୍ୟ ଉପାୟ ନାହିଁ । ଏଣୁ ସମର୍ପିତ ହୋଇନଥିବା ପଦାର୍ଥକୁ ଗୋସାଇଁଙ୍କ ଚେଲାମାନେ ଭୋଗ କରିବେ ନାହିଁ ।' ଏଇଥି ପାଇଁ ଏମାନଙ୍କ ଚେଲାମାନେ ନିଜ ସ୍ତ୍ରୀ, କନ୍ୟା, ପୁତ୍ରବଧୂ ଓ ଧନାଦି ପଦାର୍ଥକୁ ମଧ୍ୟ ଗୋସାଇଁଙ୍କୁ ସମର୍ପଣ କରନ୍ତି । ଫେରେ ସମର୍ପଣର ନିୟମ ହେଲା ଯେ ଯେତେବେଳ ଯାଏ କୌଣସି ସ୍ତ୍ରୀ ଗୋସାଇଁ ମହାରାଜଙ୍କ ଚରଣସେବାରେ ସମର୍ପିତ ହୋଇନାହିଁ, ସେତେବେଳ ପର୍ଯ୍ୟନ୍ତ ତା' ସ୍ୱାମୀ ନିଜ ସ୍ତ୍ରୀକୁ ସ୍ପର୍ଶ କରିବ ନାହିଁ ॥ ୪ ॥

'ଏଣୁ ଗୋସାଇଁଙ୍କ ଚେଲାମାନେ ନିଜର ସବୁ ଜିନିଷ ପ୍ରଥମେ ସମର୍ପଣ କରି ତା'ପରେ ନିଜେ ଭୋଗ କରିବେ', ଯେହେତୁ କି ନିଜେ ଭୋଗ କରିବା ପରେ ସମର୍ପଣ କରାଯାଇପାରିବ ନାହିଁ ॥ ୫ ॥

ଅତଏବ ସମସ୍ତ କାମରେ ପ୍ରଥମେ ସବୁ ପଦାର୍ଥ ସମର୍ପଣ କରିବା ଉଚିତ । ଭାର୍ଯ୍ୟା ଆଦିଙ୍କୁ ପ୍ରଥମେ ଗୋସାଇଁଙ୍କୁ ସମର୍ପଣ କରି ତା'ପରେ ନିଜେ ଗ୍ରହଣ କରିବେ । ସେହିପରି ହରିଙ୍କୁ ସମସ୍ତ ପଦାର୍ଥ ସମର୍ପଣ କରି ଗ୍ରହଣ କରିବେ ॥ ୬ ॥

ଗୋସାଇଁଙ୍କ ମତଠୁ ଅଲଗା ମତର କଥା ମଧ୍ୟ ଗୋସାଇଁଙ୍କ ଶିଷ୍ୟ କେବେ ବି ଶୁଣିବେ ନାହିଁ, ଗ୍ରହଣ କରିବେ ନାହିଁ । ସେମାନଙ୍କ ଶିଷ୍ୟମାନଙ୍କ ଏହି ବ୍ୟବହାର ସର୍ବବିଦିତ ॥ ୭ ॥

ସେହିପରି ସବୁ ପଦାର୍ଥ ସମର୍ପଣ କରି ସବୁ ବସ୍ତୁରେ ବ୍ରହ୍ମବୁଦ୍ଧି ରଖିବେ । ତଦନନ୍ତର ଯେପରି ଗଙ୍ଗାରେ ଅନ୍ୟ ଜଳ ମିଶି ଗଙ୍ଗା ଜଳ ଭଳି ହୋଇଯାଏ, ସେହିପରି ନିଜ ମତର ଦୋଷକୁ ମଧ୍ୟ ଗୁଣ ଓ ଅନ୍ୟ ମତର ଗୁଣକୁ ମଧ୍ୟ ଦୋଷ ମାନି ସେପରି ବର୍ଣ୍ଣନା କରିବେ ॥ ୮ ॥

ବର୍ତ୍ତମାନ ବିଚାର କରନ୍ତୁ! ଅନ୍ୟ ସବୁ ମତ ଅପେକ୍ଷା ଗୋସାଇଁମାନଙ୍କ ମତ ଅଧିକ ସ୍ୱାର୍ଥ ହାସଲକାରୀ । ଆଚ୍ଛା! ଏ ଗୋସାଇଁମାନଙ୍କୁ କେହି ପଚାରିବା ଉଚିତ ଯେ — 'ବ୍ରହ୍ମଙ୍କ ଗୋଟିଏ ଲକ୍ଷଣ ମଧ୍ୟ ତ ତୁମେ ଜାଣି ନାହଁ, ପୁଣି ଶିଷ୍ୟ-ଶିଷ୍ୟାଙ୍କୁ 'ବ୍ରହ୍ମସମ୍ବନ୍ଧ' କିପରି କରାଇପାରିବ?' ଯଦି କୁହ ଯେ — 'ଆମେ ହିଁ ବ୍ରହ୍ମ, ଆମ ସହ ସମ୍ବନ୍ଧ କଲେ ବ୍ରହ୍ମସମ୍ବନ୍ଧ ହୋଇଯାଏ ।' ତେବେ ତୁମଠାରେ ତ ବ୍ରହ୍ମଙ୍କର ଗୁଣ-କର୍ମ-ସ୍ୱଭାବ ଗୋଟିଏ ବି ନାହିଁ, ତେବେ କ'ଣ ତୁମେ କେବଳ ଭୋଗ-ବିଳାସ ପାଇଁ ବ୍ରହ୍ମ ବୋଲାଉଛ?

ଆଚ୍ଛା! ଶିଷ୍ୟ-ଶିଷ୍ୟାଙ୍କୁ ତ ତୁମେ ନିଜଠାରେ ସମର୍ପିତ କରାଇ ଶୁଦ୍ଧ କରୁଛ; କିନ୍ତୁ ସ୍ୱୟଂ ତୁମେ ଏବଂ ତୁମର ସ୍ତ୍ରୀ, ଝିଅ, ବୋହୂ ଓ ପୁଅ ଆଦି ସମର୍ପିତ ହେଉନଥିବାରୁ ଅଶୁଦ୍ଧ ରହିଲେ ନା ନାହିଁ? ଯଦି ଅସମର୍ପିତ ବସ୍ତୁକୁ ଅଶୁଦ୍ଧ ବୋଲି ମାନୁଛ, ତେବେ ତୁମେ ଅଶୁଦ୍ଧ କାହିଁକି ନୁହଁ? ଏଣୁ ତୁମେ ଓ ତୁମ ପତ୍ନୀ, ପୁତ୍ର ଆଦି ଅନ୍ୟଠାରେ ସମର୍ପିତ ହେବା ଉଚିତ ନା ନାହିଁ? ଯଦି କୁହ ଯେ — 'ନା ଉଚିତ ନୁହେଁ', ତେବେ ଅନ୍ୟକୁ ନିଜ ପାଖରେ କାହିଁକି ସମର୍ପିତ କରୁଛ? **ଅତଃ ତୁମ ପକ୍ଷେ ଉଚିତ ଯେ ଈଶ୍ୱରୋକ୍ତ ବେଦମତକୁ ସ୍ୱୀକାର କର ଏବଂ ମିଥ୍ୟା-ପ୍ରପଞ୍ଚାଦି ଦୁଷ୍କର୍ମକୁ ଛାଡ଼; ଯଦ୍ୱାରା କି ଇହଲୋକ ଓ ପରଲୋକର କଲ୍ୟାଣ ହେବ, ଦୁର୍ଲଭ ମନୁଷ୍ୟ ଜନ୍ମକୁ ସଫଳ କରିବା ସଙ୍ଗେସଙ୍ଗେ ଧର୍ମ-ଅର୍ଥ-କାମ-ମୋକ୍ଷ ଏହି ଚତୁର୍ବର୍ଗ ଫଳ ପ୍ରାପ୍ତ କରି ଆନନ୍ଦ ପ୍ରାପ୍ତ କରିବ ।**

ପୁଣି ଦେଖନ୍ତୁ, ଏ ଗୋସାଇଁମାନେ ନିଜ ସମ୍ପ୍ରଦାୟକୁ **'ପୁଷ୍ଟିମାର୍ଗ'** ବୋଲି କହନ୍ତି । ଅର୍ଥାତ୍ ଖାଇବା-ପିଇବା, ପୁଷ୍ଟ ହେବା, ଅନେକ ସ୍ତ୍ରୀଙ୍କ ସହ ଯଥେଚ୍ଛା ଭୋଗ-ବିଳାସ କରିବାର ମାର୍ଗ । କିନ୍ତୁ ଏମାନଙ୍କୁ ପଚାରିବା ଉଚିତ ଯେ ଭୋଗ-ବିଳାସରେ ମାତି ଯେତେବେଳେ ଅତ୍ୟନ୍ତ ଦୁଃଖଦାୟକ ଭଗନ୍ଦରାଦି ରୋଗରେ ଆକ୍ରାନ୍ତ ହୁଅନ୍ତି ସେତେବେଳେ କେମିତି ଛଟପଟ ହୋଇ ମରନ୍ତି, ସେକଥା ଏମାନେ ହିଁ ଜାଣନ୍ତି । ସତ କହିବାକୁ ଗଲେ ଏହା **'ପୁଷ୍ଟିମାର୍ଗ'** ନୁହେଁ, ବରଂ **'କୁଷ୍ଠୀମାର୍ଗ'** । କୁଷ୍ଠ ରୋଗୀର ଶରୀରରେ ଯେପରି ସମସ୍ତ ଧାତୁ ଗଳିତ ହୋଇ ବାହାରି ଯାଏ, ଏବଂ ରୋଗୀ ବିଳାପ କରି-କରି ଶରୀର ତ୍ୟାଗ କରେ ଏମାନଙ୍କର ସେଭଳି ଦୁର୍ଦ୍ଦଶା ହେଉଥିବା ଦେଖାଯାଏ । ଏଣୁ ଏହାକୁ 'ନରକ ମାର୍ଗ' ବୋଲି ମଧ୍ୟ କହିବା ଯଥାର୍ଥ ହେବ । ଯେହେତୁ କି ଦୁଃଖର ନାମ **'ନରକ'** ଏବଂ ସୁଖର ନାମ **'ସ୍ୱର୍ଗ'** । **ବଡ଼ ଆଶ୍ଚର୍ଯ୍ୟର କଥା ଯେ ଏପରି ପଶୁଭଳି କ୍ରୀଡ଼ା କରୁଥିବା ଲୋକଙ୍କ ମତ ମଧ୍ୟ ସଂସାରରେ ଚାଲିପାରୁଛି ।** କେତେ ଆଉ ଲେଖିବା! ଏମାନଙ୍କ ସବୁ ଲୀଳା-ଖେଳା ଏଭଳି ହିଁ ଶାସ୍ତ୍ରବିରୁଦ୍ଧ ଓ ପାପବର୍ଦ୍ଧକ ।

ଏଭଳି ମିଥ୍ୟାଜାଲ ସୃଜନ କରି ବିଚରା ସରଳ ଲୋକଙ୍କୁ ଜାଲରେ ପକାନ୍ତି ଏବଂ ନିଜକୁ ଶ୍ରୀକୃଷ୍ଣ ବୋଲି କହି ସମସ୍ତଙ୍କର ସ୍ୱାମୀ ବୋଲି ମାନୁଛନ୍ତି । ଏହା କହନ୍ତି — "ଯେତେ ଦୈବୀ ଜୀବ ଗୋଲକରୁ ଏଠାକୁ ଆସିଛନ୍ତି, ସେମାନଙ୍କୁ ଉଦ୍ଧାର କରିବା ପାଇଁ ଆମେ ଲୀଳା ପୁରୁଷୋତ୍ତମ ଜନ୍ମଗ୍ରହଣ କରିଛୁ । ଯେ ପର୍ଯ୍ୟନ୍ତ ଆମ ଉପଦେଶ ଗ୍ରହଣ ନ କରିଛ ସେ ପର୍ଯ୍ୟନ୍ତ ଗୋଲକ ପ୍ରାପ୍ତି ହୋଇପାରିବ ନାହିଁ । ସେଠାରେ ଏକମାତ୍ର ପୁରୁଷ ହେଲେ ଶ୍ରୀକୃଷ୍ଣ ଏବଂ ବାକି ଅନ୍ୟମାନେ ହେଲେ ନାରୀ ।"

ବାଃ ରେ ବାଃ! ବଢ଼ିଆ ମତ!! ଗୋସାଇଁମାନଙ୍କ ଯେତେସବୁ ଚେଲା ଅଛନ୍ତି, ସେମାନେ ସମସ୍ତେ ଗୋପୀ ହୋଇଯିବେ । ବର୍ତ୍ତମାନ ବିଚାର କରନ୍ତୁ, ଯେଉଁ ବ୍ୟକ୍ତିର ଦୁଇଟି ସ୍ତ୍ରୀ ଥାଏ, ତା'ର ବଡ଼ ଦୁର୍ଦ୍ଦଶା ହୋଇଯାଏ । ଆଉ ଯେଉଁଠି ଜଣେ ପୁରୁଷକୁ କୋଟି-କୋଟି ସ୍ତ୍ରୀ ଜଣକ ପଛକୁ ଆଉ ଜଣେ ଥିବେ, ସେ ଲୋକର ଦୁର୍ଦ୍ଦଶାର ତ ସୀମା ନ ଥିବ । ଯଦି କୁହ ଯେ ଶ୍ରୀକୃଷ୍ଣଙ୍କଠାରେ ବିରାଟ ସାମର୍ଥ୍ୟ ଅଛି, ତେଣୁ ସମସ୍ତଙ୍କୁ ପ୍ରସନ୍ନ କରିପାରୁଛନ୍ତି ।

**ଅବଶିଷ୍ଟାଂଶ ପୃଷ୍ଠା-୧୯ରେ...**

# ଜୀବନ ନିର୍ମାଣ ଶିବିର

ଧର୍ମପ୍ରେମୀ ସଜ୍ଜନବୃନ୍ଦ,

ସାଦର ନମସ୍ତେ। ମନୁଷ୍ୟ ଜୀବନ ଦୁର୍ଲ୍ଲଭ । ସକଳ ଦୁଃଖରୁ ଉଦ୍ଧାର ପାଇ ନିତ୍ୟ ଆନନ୍ଦ ପ୍ରାପ୍ତି ଏହାର ଲକ୍ଷ୍ୟ । ଏହି ଲକ୍ଷ୍ୟ ପ୍ରାପ୍ତ କରିବା ପାଇଁ ମନୁଷ୍ୟ ଜୀବନର ବ୍ୟବସ୍ଥିତ, ଯୋଜନାବଦ୍ଧ ନିର୍ମାଣର ଆବଶ୍ୟକତା ଅଛି। ସମୃଦ୍ଧ, ସମୁନ୍ନତ ରାଷ୍ଟ୍ର ଓ ସମାଜ ଗଠନ ନିମନ୍ତେ ମଧ୍ୟ ବ୍ୟକ୍ତିର ଜୀବନ ଆସ୍ତିକ, ଉତ୍କୃଷ୍ଟ, ନୈତିକତାପୂର୍ଣ୍ଣ, ବ୍ୟବସ୍ଥିତ, ଶୃଙ୍ଖଳିତ, ଅନୁଶାସିତ ହେବା ଆବଶ୍ୟକ । ଏହି ବିଷୟକୁ ଧ୍ୟାନରେ ରଖି ଶ୍ରୁତିନ୍ୟାସ ପକ୍ଷରୁ ଏକ ତ୍ରିଦିବସୀୟ ଜୀବନ ନିର୍ମାଣ ଶିବିରର ଆୟୋଜନ କରାଯାଇଛି । ଏହି ଶିବିରରେ କ୍ରିୟାତ୍ମକ ଯୋଗ ସାଧନା, ପଞ୍ଚମହାଯଜ୍ଞ, ଅଷ୍ଟାଙ୍ଗ ଯୋଗ, ଜପବିଧି, ଈଶ୍ୱର-ସମର୍ପଣ, ମାନସିକ ଚାପରୁ ମୁକ୍ତିର ଉପାୟ, ସନ୍ତାନ ନିର୍ମାଣ, ସୁଖୀ ପରିବାର ଆଦି ଅନେକ ଆଧ୍ୟାତ୍ମିକ, ପାରିବାରିକ, ସାମାଜିକ ବିଷୟ ସମ୍ବନ୍ଧରେ ବିସ୍ତାର ପୂର୍ବକ ମାର୍ଗଦର୍ଶନ କରାଯିବ। ଏହି ଶିବିରର —

**ଶିବିରାଧ୍ୟକ୍ଷ** - **ପୂଜ୍ୟ ସ୍ୱାମୀ ବିବେକାନନ୍ଦ ପରିବ୍ରାଜକ** (ଆସ୍ଥା ଚ୍ୟାନେଲ୍‌ର ବୈଦିକ ପ୍ରବକ୍ତା)
**ପ୍ରଶିକ୍ଷକ** - **ପୂଜ୍ୟ ସ୍ୱାମୀ ସୁଧାନନ୍ଦ ସରସ୍ୱତୀ** (ଅଧ୍ୟକ୍ଷ, ଶ୍ରୁତିନ୍ୟାସ)
**ବ୍ରହ୍ମଚାରୀ ପ୍ରିୟେଶ ଦର୍ଶନାଚାର୍ଯ୍ୟ** (ରୋଜଡ଼, ଅହମ୍ମଦାବାଦ, ଗୁଜରାଟ)
**ସ୍ଥାନ** - **ସରସ୍ୱତୀ ବିଦ୍ୟାମନ୍ଦିର, ନିଳାଦ୍ରୀ ବିହାର, ଭୁବନେଶ୍ୱର**
**ଦିନାଙ୍କ** - **ତା ୧୦.୧୦.୨୦୧୯ ରିଖ ଠାରୁ ତା ୧୨.୧୦.୨୦୧୯ ରିଖ**
**ସମୟ** - **ପ୍ରାତଃ ୪.୦୦ ଠାରୁ ରାତ୍ରି ୯.୩୦ ପର୍ଯ୍ୟନ୍ତ**
**ପଞ୍ଜିକରଣ ଶୁଳ୍କ** - **₹ ୭୦୦**

**ବି.ଦ୍ର.:**

- ଶିବିରାର୍ଥୀ ୦୯.୧୦.୨୦୧୯ ବୁଧବାର ସନ୍ଧ୍ୟା ସୁଦ୍ଧା ଶିବିର ସ୍ଥଳରେ ପହଞ୍ଚିବେ ।
- ଆବାସାଦି ବ୍ୟବସ୍ଥାର ନ୍ୟୁନତା ଆଦି ଅନେକ କାରଣରୁ ସୀମିତ ସଂଖ୍ୟକ ଶିବିରାର୍ଥୀ ଗ୍ରହଣ କରାଯିବ । ପ୍ରଥମ ଆବେଦକଙ୍କୁ ପ୍ରାଥମିକତା ଦିଆଯିବ।
- ଶିବିରରେ ଭାଗନେବାକୁ ଆଗ୍ରହୀ ସଜ୍ଜନ ଆବେଦନ ପତ୍ର ପୂରଣ କରି **ଶ୍ରୁତିନ୍ୟାସ, ସି/୭୩, ସେକ୍ଟର-୧୫, ରାଉରକେଲା-୩, ସୁନ୍ଦରଗଡ଼-୭୬୯୦୦୩** ଠିକଣାରେ ସେପ୍ଟେମ୍ବର ୧୦ ସୁଦ୍ଧା ପହଞ୍ଚାଇବା ବ୍ୟବସ୍ଥା କରିବେ । ଶିବିରରେ ଅଂଶଗ୍ରହଣର ସ୍ୱୀକୃତି ଦୂରଭାଷ ଯୋଗେ ଦିଆଯିବ । ସ୍ୱୀକୃତି ପ୍ରାପ୍ତ କରିବା ପରେ ପଞ୍ଜିକରଣ ଶୁଳ୍କ ସଂପାଦକ, ଶ୍ରୁତିନ୍ୟାସଙ୍କ ନାମରେ ଉପରଲିଖିତ ଠିକଣାରେ ମନିଅର୍ଡର ଦ୍ୱାରା ପଠାଇ ନିଜ ନାମ ପଞ୍ଜିକରଣ କରାଇନେବେ । ପଞ୍ଜିକରଣ ୩୦.୦୯.୨୦୧୯ ସୁଦ୍ଧା ହେବା ଆବଶ୍ୟକ। ଅନ୍ୟଥା ଶିବିରରେ ଅଂଶଗ୍ରହଣ ପାଇଁ ବ୍ୟବସ୍ଥା ସମ୍ଭବ ନୁହେଁ ।
- ୧୧ ବର୍ଷରୁ କମ୍ ବୟସର ପିଲାଙ୍କ ପାଇଁ ପଞ୍ଜିକରଣ ଆବଶ୍ୟକ ନୁହେଁ । ତଦୂର୍ଦ୍ଧ୍ୱ ବୟସର ପିଲାଙ୍କ ପଞ୍ଜିକରଣ କରିବା ଆବଶ୍ୟକ।
- ଫେରିବା ପାଇଁ ରେଳରେ ସଂରକ୍ଷଣ ଆବଶ୍ୟକ ହେଲେ ପୂର୍ବରୁ ହିଁ କରିଥିବେ ।
- ଶିବିରାର୍ଥୀ ସାଥିରେ ସନ୍ଧ୍ୟୋପାସନା, ଯଜ୍ଞବିଧି, ସଂସ୍କୃତି ଜ୍ଞାନ ପୁସ୍ତକ, କଲମ, ଖାତା, ଟର୍ଚ୍ଚ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ ନେଇ ଆସିବେ ।
- ପୁରୁଷମାନେ ଧୋତି-କୁର୍ତ୍ତା, ମହିଳାମାନେ ଧଳା ଶାଢ଼ି ସାଙ୍ଗରେ ନେଇ ଆସିବେ ।

- ଶିବିରାର୍ଥୀ ପୂର୍ଣ୍ଣ ଅନୁଶାସନରେ ପ୍ରତ୍ୟେକ କାର୍ଯ୍ୟକ୍ରମରେ ଭାଗ ନେବା ଆବଶ୍ୟକ। ନିୟମ ଓ ଅନୁଶାସନ ବିରୁଦ୍ଧ କାର୍ଯ୍ୟ କଲେ ଶିବିରରେ ଅଂଶଗ୍ରହଣ ସ୍ୱୀକୃତି ତୁରନ୍ତ ପ୍ରତ୍ୟାହାର କରି ନିଆଯିବ ଓ ତାଙ୍କୁ ଶିବିର ଛାଡ଼ି ଯିବାକୁ ହେବ ।
- ଶିବିର ଶୁଳ୍କ ଥରେ ଦାଖଲ ହେବା ପରେ କୌଣସି ପରିସ୍ଥିତିରେ ବି ଫେରସ୍ତ କରାଯାଇପାରିବ ନାହିଁ ।
- **ଶିବିର ସ୍ଥଳରେ ପହଞ୍ଚିବା ରାସ୍ତା :** ଚନ୍ଦ୍ରଶେଖରପୁର ପେଟ୍ରୋଲ୍ ପମ୍ପ୍ ପାର୍ଶ୍ୱରୁ ସିଧା।

## ନିବେଦକ

ଅଭ୍ୟର୍ଥନା ସମିତି

**ପ୍ର. ଶରତ ଚନ୍ଦ୍ର ସେନାପତି** ୮୭୬୩୭୧୯୧୯୫

**ଦଣ୍ଡପାଣି ମିଶ୍ର** ୯୪୩୮୪୨୩୯୮୦

ସଂଯୋଜକ : **ପଦ୍ମନାଭ ସ୍ୱାଇଁ** (୯୮୬୧୩୩୫୩୨୧), **ଇଂ. ନାରାୟଣ ପଣ୍ଡା** (୮୦୯୩୯୬୦୦୯୦)

ସହ ସଂଯୋଜକ : **ଆନନ୍ଦ ସାମନ୍ତରାୟ** (୮୨୮୦୧୮୯୨୨୯), **ପଙ୍କଜ ମେହେର** (୯୪୩୭୧୧୮୯୫୧), **ରୁକ୍ମଣ ମହାପାତ୍ର** (୯୪୩୭୧୧୦୦୬୫)

ବ୍ୟବସ୍ଥାପକ : **ଇଂ. କୁମାର ସ୍ୱାମୀ** (୯୩୩୭୧୦୩୭୮୨), **ନିମାଇଁ ସ୍ୱାଇଁ** (୯୪୩୮୩୬୭୨୯୮), **ଦୁଷ୍ମନ୍ତ ସ୍ୱାଇଁ** (୯୪୩୯୦୦୬୨୭୦)

ଉପ ବ୍ୟବସ୍ଥାପକ: **ଗୌର ଚନ୍ଦ୍ର ଦାସ** (୯୮୬୧୩୨୧୮୮୧), **ଅଜୟ ମହାପାତ୍ର** (୯୪୩୭୦୦୯୪୩୫), **ଜଗବନ୍ଧୁ ପାତ୍ର** (୯୯୩୭୦୪୨୪୮୬), **ଶ୍ରୀବତ୍ସ ପାଣିଗ୍ରାହୀ** (୯୭୭୮୬୭୦୧୨୨), **ଲେନିନ୍ ପଟ୍ଟନାୟକ** (୯୩୩୮୮୦୭୯୦୮), **ସୁନୀଲ ଗରିଆ** (୯୪୩୯୨୨୬୮୦୧)

ଆବଶ୍ୟକ ଯୋଗାଯୋଗ :

| | | |
|---|---|---|
| ରାଧାଶ୍ୟାମ ସ୍ୱାଇଁ<br>୯୯୩୭୭୬୪୧୧୯ | ଅନୀଲ ମହାପାତ୍ର<br>୯୯୩୭୨୩୪୩୬୮ | ନର୍ମଦା ପାତ୍ର<br>୮୨୪୯୯୬୬୦୮୮ |
| କୃଷ୍ଣଚନ୍ଦ୍ର ପ୍ରଧାନ<br>୮୪୫୫୮୯୧୪୨୮ | ସଞ୍ଜୟ ପଟ୍ଟନାୟକ<br>୯୦୯୦୫୧୭୯୯୦ | ସଚ୍ଚିଦାନନ୍ଦ ବେହେରା<br>୭୦୦୮୦୬୫୫୦୨ |
| ପ୍ରଜ୍ଞା ପଟ୍ଟନାୟକ<br>୯୪୩୮୦୧୯୬୬୬ | ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ<br>୯୮୬୧୩୦୩୦୦୨ | ଲଳିତ ମଞ୍ଜରୀ ସାହୁ<br>୯୪୩୭୦୨୨୦୪୨ |
| କୃଷ୍ଣାକୁମାରୀ ପାତ୍ର<br>୯୭୭୮୩୦୩୦୩୩ | ଅପର୍ଣ୍ଣା ନାୟକ<br>୯୪୩୭୦୧୯୯୭୮ | ରାଜକୁମାରୀ ପାତ୍ର<br>୮୬୫୮୪୨୨୬୨୦ |

**E-mail :** swainpadmanabha@gmail.com, swamisudhananda@gmail.com, shrutinyas@gmail.com

# ପ୍ରଗତି ପଥେ ଶ୍ରୁତିସୌରଭ

ପରମପିତା ପରମାତ୍ମାଙ୍କ ଆଦେଶ **– 'ସଂ ଶ୍ରୁତେନ ଗମେମହି ମା ଶ୍ରୁତେନ ବି ରାଧିଷି'** (ଅଥର୍ବ.୧ଃ୧ଃ୪) ଅନୁସାରେ ଈଶ୍ୱରୀୟ ବାଣୀ 'ବେଦ' ବା 'ଶ୍ରୁତି'ର ସୁରଭିରେ ଓଡ଼ିଶାର ପ୍ରତିଟି ଗୃହର ପ୍ରାଙ୍ଗଣକୁ ସୁରଭିତ କରିବା ଉଦ୍ଦେଶ୍ୟରେ ଶ୍ରୁତିନ୍ୟାସ ପକ୍ଷରୁ 'ଶ୍ରୁତିସୌରଭ'ର ପ୍ରକାଶନ ଆରମ୍ଭ ହୋଇଛି । ଏହି ଈଶ୍ୱରୀୟ କର୍ମରେ ସମସ୍ତେ ସହଯୋଗୀ ହେବା, ବେଦାଧାରିତ ସୁନ୍ଦର ସମାଜ ନିର୍ମାଣ କରିବା ଦିଗରେ ଅଗ୍ରସର ହେବା ନିମିତ୍ତ ଶ୍ରୁତିସୌରଭ ସଦସ୍ୟଙ୍କ ଏକ ଲମ୍ବା ଶୃଙ୍ଖଳ ତିଆରି କରିବା ସକାଶେ ଆମେ ପାଠକଙ୍କୁ ନିବେଦନ କରିଥିଲୁ । ଆମର ଆତ୍ମୀୟ ନିବେଦନକୁ ଆନ୍ତରିକତାର ସହ ସ୍ୱୀକାର କରି ଅଧିକରୁ ଅଧିକ ସଂଖ୍ୟକ ପାଠକ ଏହାର ସଦସ୍ୟ ହେଉଛନ୍ତି। ଏହା ଆମକୁ ଅଭିଭୂତ କରିଛି । ଆମେ ସମସ୍ତ ସଦସ୍ୟ, ସହଯୋଗୀଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରୁଛୁ । ଅଦ୍ୟାବଧି ପତ୍ରିକାର ସଦସ୍ୟ ସଂଖ୍ୟା ହେଲା—

| କ୍ର.ସଂ. | ଜିଲ୍ଲା | ଆଜୀବନ | ବାର୍ଷିକ | ମୋଟ | କ୍ର.ସଂ. | ଜିଲ୍ଲା | ଆଜୀବନ | ବାର୍ଷିକ | ମୋଟ |
|---|---|---|---|---|---|---|---|---|---|
| ୦୧. | ଗଞ୍ଜାମ | ୫୪୫ | ୨୩୭ | ୭୮୨ | ୧୭. | ଜଗତସିଂହପୁର | ୩୦ | ୦୨ | ୩୨ |
| ୦୨. | ଖୋର୍ଦ୍ଧା | ୩୪୪ | ୭୨ | ୪୧୬ | ୧୮. | ନୟାଗଡ଼ | ୨୩ | ୧୨ | ୩୫ |
| ୦୩. | କଟକ | ୩୦୧ | ୭୮ | ୩୭୯ | ୧୯. | ବୌଦ୍ଧ | ୨୨ | ୨୦ | ୪୨ |
| ୦୪. | ସୁନ୍ଦରଗଡ଼ | ୨୭୭ | ୧୪୩ | ୪୨୦ | ୨୦. | ଭଦ୍ରକ | ୨୨ | ୨୩ | ୪୫ |
| ୦୫. | ବରଗଡ଼ | ୨୩୫ | ୧୧୨ | ୩୪୭ | ୨୧. | ଢେଙ୍କାନାଳ | ୨୦ | ୩୧ | ୫୧ |
| ୦୬. | କୋରାପୁଟ | ୧୦୫ | ୨୭ | ୧୩୨ | ୨୨. | ଝାରସୁଗୁଡ଼ା | ୧୭ | ୦୧ | ୧୮ |
| ୦୭. | ବାଲେଶ୍ୱର | ୧୦୩ | ୦୬ | ୧୦୯ | ୨୩. | କେନ୍ଦୁଝର | ୧୬ | ୦୧ | ୧୭ |
| ୦୮. | ବଲାଙ୍ଗିର | ୧୦୮ | ୨୨ | ୧୩୦ | ୨୪. | କଳାହାଣ୍ଡି | ୧୫ | ୦୧ | ୧୬ |
| ୦୯. | ସୁବର୍ଣ୍ଣପୁର | ୮୫ | ୭୨ | ୧୫୭ | ୨୫. | ଗଜପତି | ୧୧ | ୦୫ | ୧୬ |
| ୧୦. | ସମ୍ବଲପୁର | ୬୪ | ୩୩ | ୯୭ | ୨୬. | ଯାଜପୁର | ୦୯ | ୦୪ | ୧୩ |
| ୧୧. | ରାୟଗଡ଼ା | ୬୨ | ୧୨ | ୭୪ | ୨୭. | କେନ୍ଦ୍ରାପଡ଼ା | ୦୭ | ୧୧ | ୧୮ |
| ୧୨. | ଅନୁଗୁଳ | ୫୫ | ୧୧ | ୬୬ | ୨୮. | ଦେବଗଡ଼ | ୦୫ | ୦୦ | ୦୫ |
| ୧୩. | ମୟୂରଭଞ୍ଜ | ୫୪ | ୧୧ | ୬୫ | ୨୯. | ନୂଆପଡ଼ା | ୦୨ | ୦୨ | ୦୪ |
| ୧୪. | କନ୍ଧମାଳ | ୫୦ | ୬୭ | ୧୧୭ | ୩୦. | ନବରଙ୍ଗପୁର | ୦୧ | ୦୨ | ୦୩ |
| ୧୫. | ପୁରୀ | ୪୦ | ୦୧ | ୪୧ | ୩୧. | ଅନ୍ୟାନ୍ୟ | ୬୦ | ୦୦ | ୬୦ |
| ୧୬. | ମାଲକାନଗିରି | ୩୫ | ୫୭ | ୯୨ | | **ମୋଟ** | **୨୭୨୩** | **୧୦୭୭** | **୩୮୦୦** |

'ଶ୍ରୁତିସୌରଭ' ସଦସ୍ୟ ସଂଖ୍ୟା କ୍ଷେତ୍ରରେ ଏଭଳି ଉପଲବ୍ଧି ପ୍ରାପ୍ତ କରିବା ପଛରେ ଓଡ଼ିଶାରେ ବେଦର ପ୍ରଚାର-ପ୍ରସାର ପାଇଁ କାୟମନୋବାକ୍ୟରେ ପ୍ରୟାସରତ ଆମ ସହଯୋଗୀମାନଙ୍କ ପ୍ରଶଂସନୀୟ ଯୋଗଦାନ ରହିଛି। ବର୍ତ୍ତମାନ

ସୁଦ୍ଧା ସଦସ୍ୟ ସଂଗ୍ରହ ଅଭିଯାନରେ ପ୍ରମୁଖ ଅଂଶଗ୍ରହଣକାରୀ ସହଯୋଗୀଙ୍କ ନାମ କୃତଜ୍ଞତା ପୂର୍ବକ କ୍ରମାନ୍ୱୟରେ ପ୍ରକାଶ କରାଯାଉଛି—

| ନାମ | ଜିଲ୍ଲା | ଆଜୀବନ | ବାର୍ଷିକ |
|---|---|---|---|
| ଶ୍ରୀମାନ୍ ଦୁଷ୍ମନ୍ତ କିଶୋର ସ୍ୱାଇଁ | କଟକ | ୧୧୭ | ୦୫ |
| ଶ୍ରୀମାନ୍ ନିମାଇଁ ଚରଣ ସ୍ୱାଇଁ | ଖୋର୍ଦ୍ଧା | ୮୮ | ୦୪ |
| ଇଂ. ନାରାୟଣ ପଣ୍ଡା | ଗଞ୍ଜାମ | ୭୬ | ୨୫ |
| ଶ୍ରୀମାନ୍ ରୁକ୍ମଣ ମହାପାତ୍ର | ବରଗଡ଼ | ୭୪ | ୧୯ |
| ଇଂ. ଦୟାସାଗର ସାହୁ | ଗଞ୍ଜାମ | ୭୨ | ୦୫ |
| ଶ୍ରୀମାନ୍ ପଙ୍କଜ ମେହେର | ସୁବର୍ଣ୍ଣପୁର | ୪୯ | ୩୨ |
| ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ଆଚାର୍ଯ୍ୟ | ବାଲେଶ୍ୱର | ୪୯ | ୦୦ |
| ଶ୍ରୀମାନ୍ ଆର୍. ମୋହନ ରେଡ୍ଡି | ଗଞ୍ଜାମ | ୪୩ | ୮୯ |
| ଶ୍ରୀମାନ୍ ଶ୍ରୀବତ୍ସ ପାଣିଗ୍ରାହୀ | କଟକ | ୪୨ | ୪୯ |
| ସୁଶ୍ରୀ ଶୁଭଶ୍ରୀ ମହାପାତ୍ର | ବାଲେଶ୍ୱର | ୪୧ | ୦୫ |
| ଶ୍ରୀମାନ୍ ରାଜେନ୍ଦ୍ର ଭୂୟାଁ | ଗଞ୍ଜାମ | ୩୯ | ୧୫ |
| ଶ୍ରୀମାନ୍ ପରୀକ୍ଷିତ ଶାସ୍ତ୍ରୀ | ବରଗଡ଼ | ୩୭ | ୬୪ |
| ଶ୍ରୀମତୀ ରାସେଶ୍ୱରୀ ଦେଈ | ସୁନ୍ଦରଗଡ଼ | ୩୧ | ୦୧ |
| ଶ୍ରୀମାନ୍ ସୁନୀଲ କୁମାର ଗରିଆ | ସୁବର୍ଣ୍ଣପୁର | ୩୦ | ୦୧ |
| ଶ୍ରୀମତୀ ପ୍ରଣତି ରାୟ | କଟକ | ୩୦ | ୦୦ |
| ବେଦ ପ୍ରଚାର ସମିତି, ବ୍ରହ୍ମପୁର | | ୨୯ | ୦୨ |
| ଶ୍ରୀମାନ୍ ସଂଗ୍ରାମ କେଶରୀ ମହାନ୍ତି | ଗଞ୍ଜାମ | ୨୬ | ୦୦ |
| ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ନାୟକ | ମାଲକାନଗିରି | ୨୫ | ୫୦ |
| ଶ୍ରୀମାନ୍ ରବିନାରାୟଣ ପ୍ରଧାନ | ପୁରୀ | ୨୩ | ୦୦ |
| ଶ୍ରୀମାନ୍ କୃଷ୍ଣଚନ୍ଦ୍ର ପ୍ରଧାନ | ଖୋର୍ଦ୍ଧା | ୨୩ | ୦୬ |
| ଡାକ୍ତର ସୁକାନ୍ତି ଦାସ | ବାଲେଶ୍ୱର | ୨୨ | ୦୦ |
| ଶ୍ରୀମତୀ ସୁରେଶ୍ୱରୀ ପଣ୍ଡା | ବରଗଡ଼ | ୨୨ | ୦୦ |
| ଶ୍ରୀମାନ୍ ପୀତବାସ ଦଳେଇ | ସୁନ୍ଦରଗଡ଼ | ୨୨ | ୨୩ |
| ଶ୍ରୀମାନ୍ ଆନନ୍ଦ ସାମନ୍ତରାୟ | ବଲାଙ୍ଗିର | ୨୧ | ୦୦ |
| ଶ୍ରୀମାନ୍ ଦ୍ୱିଜେନ୍ଦ୍ର କୁମାର ସାହୁ | ବଲାଙ୍ଗିର | ୨୦ | ୦୦ |
| ଶ୍ରୀମାନ୍ ଶ୍ରୀକାନ୍ତ ଷଡ଼ଙ୍ଗୀ | ସୁନ୍ଦରଗଡ଼ | ୨୦ | ୦୯ |
| ଶ୍ରୀମାନ୍ ଦିବାକର ବାରିକ | ସୁନ୍ଦରଗଡ଼ | ୧୯ | ୦୨ |
| ଶ୍ରୀମତୀ ପୁଷ୍ପାଞ୍ଜଳି ପାତ୍ର | ଖୋର୍ଦ୍ଧା | ୧୯ | ୦୧ |
| ଶ୍ରୀମାନ୍ ମୁରଲୀଧର ମିଶ୍ର | ସୁନ୍ଦରଗଡ଼ | ୧୯ | ୦୦ |
| ଇଂ. ଇ. କୁମାର ସ୍ୱାମୀ | ଖୋର୍ଦ୍ଧା | ୧୮ | ୦୫ |
| ଶ୍ରୀମତୀ ସୁରଭୀ ସାହୁ | ସମ୍ବଲପୁର | ୧୮ | ୦୫ |
| ଶ୍ରୀମାନ୍ ଅନାମ ଚରଣ ନାୟକ | କୋରାପୁଟ | ୧୮ | ୦୦ |
| ଶ୍ରୀମାନ୍ ରାଜକିଶୋର ସାହୁ | ରାୟଗଡ଼ା | ୧୮ | ୦୦ |
| ଇଂ. ପ୍ରଦୀପ କୁମାର ତ୍ରିପାଠୀ | ଗଞ୍ଜାମ | ୧୬ | ୧୪ |
| ଡକ୍ଟର ଲଳିତ ମଞ୍ଜରୀ ସାହୁ | ଖୋର୍ଦ୍ଧା | ୧୬ | ୦୧ |
| ଇଂ. କାଳୁଚରଣ ବେହେରା | କଟକ | ୧୬ | ୦୦ |
| ଶ୍ରୀମାନ୍ ଯୋଗେଶ୍ୱର ପଣ୍ଡା | କନ୍ଧମାଳ | ୧୫ | ୨୦ |
| ଶ୍ରୀମାନ୍ ସୋମଦତ୍ତ ଶାସ୍ତ୍ରୀ | ସମ୍ବଲପୁର | ୧୫ | ୧୧ |
| ଶ୍ରୀମାନ୍ ଗୌରଚନ୍ଦ୍ର ଦାସ | ଖୋର୍ଦ୍ଧା | ୧୫ | ୦୭ |
| ଶ୍ରୀମାନ୍ ହୃଷିକେଶ ନାଥ | ବଲାଙ୍ଗିର | ୧୪ | ୦୮ |
| ଶ୍ରୀମାନ୍ ସନ୍ତୋଷ କୁମାର ପଣ୍ଡା | ସୁନ୍ଦରଗଡ଼ | ୧୪ | ୦୩ |
| ଶ୍ରୀମାନ୍ କାହ୍ନୁ ବାଳକୃଷ୍ଣ ବିହାରୀ | ଗଞ୍ଜାମ | ୧୪ | ୦୦ |
| ଶ୍ରୀମାନ୍ ଖଗେଶ୍ୱର ଗୌଡ଼ | ସୁନ୍ଦରଗଡ଼ | ୧୪ | ୦୦ |
| ଶ୍ରୀମାନ୍ ଗୋଲାପ ଚନ୍ଦ୍ର ପଟେଲ | ସୁନ୍ଦରଗଡ଼ | ୧୪ | ୦୦ |
| ଶ୍ରୀମାନ୍ ରୁଦ୍ରନାରାୟଣ ସାହୁ | ସମ୍ବଲପୁର | ୧୪ | ୦୧ |
| ଶ୍ରୀମାନ୍ ସୁରେଶ ଚନ୍ଦ୍ର ଆଚାର୍ଯ୍ୟ | କନ୍ଧମାଳ | ୧୩ | ୪୬ |
| ଶ୍ରୀମତୀ ପ୍ରଜ୍ଞା ପଟ୍ଟନାୟକ | ଖୋର୍ଦ୍ଧା | ୧୩ | ୦୫ |
| ବେଦ ପ୍ରଚାର ସମିତି, କଟକ | | ୧୩ | ୦୦ |
| ସରସ୍ୱତୀ ବିଦ୍ୟାମନ୍ଦିର, ନୀଳକଣ୍ଠନଗର | | ୧୩ | ୦୦ |
| ଇଂ. ପ୍ରିୟଦର୍ଶୀ ଦାସ | ଗଞ୍ଜାମ | ୧୨ | ୦୧ |
| ଇଂ. ଅଭିମନ୍ୟୁ ମହାରଣା | କୋରାପୁଟ | ୧୨ | ୦୦ |
| ଶ୍ରୀମାନ୍ ପବିତ୍ର କୁମାର ଘଡ଼ାଇ | ଅନୁଗୁଳ | ୧୨ | ୦୦ |
| ଶ୍ରୀମାନ୍ ଗୋପାଳକୃଷ୍ଣ ପାଟଖଣ୍ଡାଳ | ରାୟଗଡ଼ା | ୧୨ | ୦୦ |
| ଶ୍ରୀମତୀ ସାୟନ୍ତନୀ ତ୍ରିପାଠୀ | ବଲାଙ୍ଗୀର | ୧୨ | ୦୦ |
| ଶ୍ରୀମାନ୍ ସରୋଜ କୁମାର ମିଶ୍ର | ସୁବର୍ଣ୍ଣପୁର | ୧୧ | ୨୭ |
| ଶ୍ରୀମାନ୍ ବିଷ୍ଣୁ ପ୍ରସାଦ ମୁନି | ଗଞ୍ଜାମ | ୧୧ | ୨୫ |
| ଶ୍ରୀମତୀ ରଶ୍ମିରେଖା ନାୟକ | ବରଗଡ଼ | ୧୧ | ୦୩ |
| ଶ୍ରୀମତୀ ସରିତା ବେହେରା | ସମ୍ବଲପୁର | ୧୧ | ୦୨ |
| ଶ୍ରୀମାନ୍ ମନୋରଂଜନ ଖମାରି | ବରଗଡ଼ | ୧୧ | ୦୨ |
| ଶ୍ରୀମାନ୍ ମହେଶ ପ୍ରସାଦ ମହାପାତ୍ର | କଟକ | ୧୧ | ୦୧ |
| ଡାକ୍ତର ଆଦିତ୍ୟ କୁମାର ପଣ୍ଡା | ମୟୂରଭଞ୍ଜ | ୧୧ | ୦୧ |
| ଶ୍ରୀମାନ୍ ଲେନିନ୍ ପଟ୍ଟନାୟକ | କଟକ | ୧୧ | ୦୦ |
| ଶ୍ରୀମାନ୍ ସୁବୋଧ କୁମାର ବେହେରା | ରାୟଗଡ଼ା | ୧୧ | ୦୦ |
| ଶ୍ରୀମତୀ ପୁଷ୍ପାଞ୍ଜଳି ମେହେର | ସୁବର୍ଣ୍ଣପୁର | ୧୧ | ୦୦ |

| | | | |
|---|---|---|---|
| ଶ୍ରୀମତୀ ମମତା ମଞ୍ଜରୀ ମହାରଣା | କୋରାପୁଟ | ୧୧ | ୦୦ |
| ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, | ଛତ୍ରପୁର | ୧୧ | ୦୦ |
| ଶ୍ରୀମାନ୍ ଶିବ ପ୍ରସାଦ ପରିଡ଼ା | ଝାରସୁଗୁଡ଼ା | ୧୧ | ୦୦ |
| ଶ୍ରୀମାନ୍ ପ୍ରକାଶ କୁମାର ନାୟକ | କୋରାପୁଟ | ୧୧ | ୦୦ |
| ଶ୍ରୀମତୀ ନର୍ମଦା ପାତ୍ର | ଖୋର୍ଦ୍ଧା | ୧୦ | ୦୯ |
| ଶ୍ରୀମାନ୍ ଭାସ୍କର ପ୍ରଧାନ | ସୁରତ | ୧୦ | ୦୦ |
| ଶ୍ରୀମାନ୍ ଗୋପବନ୍ଧୁ ସାହୁ | ଗଞ୍ଜାମ | ୧୦ | ୦୦ |
| ଶ୍ରୀମାନ୍ ହରମୋହନ ସାହୁ | କଟକ | ୧୦ | ୦୦ |
| ଶ୍ରୀମାନ୍ ଇ. ବାବୁଲା | ଗଞ୍ଜାମ | ୧୦ | ୦୦ |
| ଆର୍ଯ୍ୟସମାଜ, ସିମିଲିଗୁଡ଼ା | | ୧୦ | ୦୦ |
| ଶ୍ରୀମାନ୍ ପ୍ରଦୀପ କୁମାର ପାଣିଗ୍ରାହୀ | ସୁନ୍ଦରଗଡ଼ | ୦୯ | ୧୬ |
| ଶ୍ରୀମାନ୍ ଅରୁଣ ନାୟକ | ସୁନ୍ଦରଗଡ଼ | ୦୯ | ୦୬ |
| ଶ୍ରୀମତୀ ମମତା ମହାପାତ୍ର | କଟକ | ୦୯ | ୦୩ |
| ଇଂ. ଶଶିଭୂଷଣ ନନ୍ଦ | କଟକ | ୦୯ | ୦୦ |
| ଶ୍ରୀମାନ୍ କୁଞ୍ଜବିହାରୀ ମହାନ୍ତ | ମୟୂରଭଞ୍ଜ | ୦୯ | ୦୦ |
| ଶ୍ରୀମତୀ ସୁକାନ୍ତି ସ୍ୱାଇଁ | କଟକ | ୦୯ | ୦୦ |
| ଶ୍ରୀମାନ୍ ରାଜେନ୍ଦ୍ରନାଥ ପରିଡ଼ା | ଗଞ୍ଜାମ | ୦୯ | ୦୦ |
| ଶ୍ରୀମାନ୍ ରମେଶ ଚନ୍ଦ୍ର ସେଠୀ | ସୁନ୍ଦରଗଡ଼ | ୦୯ | ୦୦ |
| ଶ୍ରୀମାନ୍ ଦିଲ୍ଲୀପ କୁମାର ପଟ୍ଟନାୟକ | ସୁନ୍ଦରଗଡ଼ | ୦୯ | ୦୦ |
| ପ୍ରଫେସର ଶରତ ଚନ୍ଦ୍ର ସେନାପତି | କଟକ | ୦୯ | ୦୦ |
| ଶ୍ରୀମାନ୍ ସଞ୍ଜୟ କୁମାର ଷଡ଼ଙ୍ଗୀ | ସମ୍ବଲପୁର | ୦୮ | ୧୩ |
| ଶ୍ରୀମାନ୍ କ୍ଷୀରୋଦ କୁମାର ନାଥ | ବରଗଡ଼ | ୦୮ | ୦୮ |
| ଶ୍ରୀମାନ୍ ଦାମୋଦର ପଣ୍ଡା | ମାଲକାନଗିରି | ୦୮ | ୦୮ |
| ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ | କଟକ | ୦୮ | ୦୮ |
| ଶ୍ରୀମାନ୍ ଶିବ ସେଠୀ | ଖୋର୍ଦ୍ଧା | ୦୮ | ୦୭ |
| ବେଦ ପ୍ରଚାର ସମିତି, ଜୟପୁର | | ୦୮ | ୦୩ |
| ଶ୍ରୀମାନ୍ ବିରଞ୍ଚି କୁମାର ମେହେର | ବଲାଙ୍ଗିର | ୦୮ | ୦୨ |
| ଶ୍ରୀମାନ୍ ଶ୍ରୀକାନ୍ତ କୁମାର ପାଣି | ଅନୁଗୁଳ | ୦୮ | ୦୨ |
| ଶ୍ରୀମାନ୍ ଟି. ଭେଙ୍କଟ ରାଓ | ଗଞ୍ଜାମ | ୦୮ | ୦୧ |
| ଶ୍ରୀମାନ୍ ହେମନ୍ତ କୁମାର ଜେନା | ସୁନ୍ଦରଗଡ଼ | ୦୮ | ୦୦ |
| ଶ୍ରୀମାନ୍ ଯାଜ୍ଞବଲକ୍ୟ ମିଶ୍ର | ସୁନ୍ଦରଗଡ଼ | ୦୮ | ୦୦ |
| କୁମାରୀ ସଂଗୀତା ପ୍ରଧାନ | ସମ୍ବଲପୁର | ୦୮ | ୦୦ |
| ଶ୍ରୀମାନ୍ ଅମୂଲ୍ୟ କୁମାର ମଲ୍ଲିକ | ଯାଜପୁର | ୦୮ | ୦୦ |
| ଶ୍ରୀମାନ୍ ରବୀନ୍ଦ୍ର କୁମାର ମହାପାତ୍ର | କଟକ | ୦୮ | ୦୦ |
| ଶ୍ରୀମାନ୍ ପ୍ରମୋଦ କୁମାର ମହାନ୍ତି | ଗଞ୍ଜାମ | ୦୮ | ୦୦ |
| ଇଂ. ବିଜୟ କୁମାର ସାହୁ | ଗଞ୍ଜାମ | ୦୮ | ୦୦ |
| ଶ୍ରୀମତୀ ଲକ୍ଷ୍ମୀପ୍ରିୟା ସାମନ୍ତରାୟ | ପୁରୀ | ୦୮ | ୦୦ |
| ଡକ୍ଟର ପ୍ରମୋଦ କୁମାର ମହାନ୍ତ | ମୟୂରଭଞ୍ଜ | ୦୮ | ୦୦ |
| ଶ୍ରୀମାନ୍ ଅଜିତ୍ କୁମାର ପଣ୍ଡା | ଗଞ୍ଜାମ | ୦୮ | ୦୦ |
| ଶ୍ରୀମାନ୍ ଅରୁଣ କୁମାର ସେଠୀ | ଖୋର୍ଦ୍ଧା | ୦୮ | ୦୦ |
| ଶ୍ରୀମାନ୍ ଶିବପ୍ରସାଦ ଭୋଇ | ବରଗଡ଼ | ୦୭ | ୧୪ |
| ଶ୍ରୀମାନ୍ ବିଜୟ କୁମାର ବେହେରା | ସୁନ୍ଦରଗଡ଼ | ୦୭ | ୧୨ |
| ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ବେହେରା | ଖୋର୍ଦ୍ଧା | ୦୭ | ୦୯ |
| ଶ୍ରୀମତୀ ସୁଜାତା ମହାପାତ୍ର | ବରଗଡ଼ | ୦୭ | ୦୧ |
| ଶ୍ରୀମତୀ କାବେରୀ ଭୂୟାଁ | କଟକ | ୦୭ | ୦୦ |
| ଡଃ. ନନ୍ଦକିଶୋର ମହାକୁଡ଼ | ଅନୁଗୁଳ | ୦୭ | ୦୦ |
| ଶ୍ରୀମତୀ ବୀଣାପାଣି ପଣ୍ଡା | ଭଦ୍ରକ | ୦୭ | ୦୦ |
| ଡାକ୍ତର ଯଦୁମଣି ନାୟକ | ବରଗଡ଼ | ୦୭ | ୦୦ |
| ଶ୍ରୀମାନ୍ ଲୋକନାଥ ପ୍ରଧାନ | ସୁନ୍ଦରଗଡ଼ | ୦୭ | ୦୦ |
| ଶ୍ରୀମାନ୍ କଂଗ୍ରେସ ସାହୁ | ବରଗଡ଼ | ୦୭ | ୦୦ |
| ଶ୍ରୀମତୀ ନିତମ୍ବିନୀ ସ୍ୱାଇଁ | ସୁନ୍ଦରଗଡ଼ | ୦୭ | ୦୦ |
| ଡକ୍ଟର ଉଷା ପାଢ଼ୀ | ଗଞ୍ଜାମ | ୦୭ | ୦୦ |
| ଶ୍ରୀମାନ୍ ଗଣେଶ ବାରିକ | ସୁନ୍ଦରଗଡ଼ | ୦୬ | ୫୦ |
| ଶ୍ରୀମାନ୍ ନୃସିଂହ ଚରଣ ସ୍ୱାଇଁ | ଖୋର୍ଦ୍ଧା | ୦୬ | ୧୩ |
| ଶ୍ରୀମାନ୍ ଏ. ସୀମାଞ୍ଚଳ ପାତ୍ର | ଗଞ୍ଜାମ | ୦୬ | ୧୦ |
| ଶ୍ରୀମାନ୍ ବୈଦ୍ୟନାଥ ଜାଲ | ବୌଦ୍ଧ | ୦୬ | ୦୭ |
| ସୁଶ୍ରୀ ରାଜଲକ୍ଷ୍ମୀ ସାହୁ | ଗଞ୍ଜାମ | ୦୬ | ୦୫ |
| ଶ୍ରୀମାନ୍ ରାଧାଶ୍ୟାମ ସ୍ୱାଇଁ | କଟକ | ୦୬ | ୦୨ |
| ଡକ୍ଟର ରୁଦ୍ର ପ୍ରସନ୍ନ ମହାପାତ୍ର | ଗଞ୍ଜାମ | ୦୬ | ୦୧ |
| ଶ୍ରୀମତୀ ବବିତା ବାରିକ | ସୁନ୍ଦରଗଡ଼ | ୦୬ | ୦୦ |
| ଶ୍ରୀମାନ୍ ସଙ୍କର୍ଷଣ ସାହୁ | ରାୟଗଡ଼ା | ୦୬ | ୦୦ |
| ଶ୍ରୀମତୀ ଆରତୀବାଳା ପ୍ରଧାନ | ଗଞ୍ଜାମ | ୦୬ | ୦୦ |
| ଶ୍ରୀମତୀ କଳ୍ପନା ବେହେରା | ବରଗଡ଼ | ୦୬ | ୦୦ |
| ଶ୍ରୀମତୀ ଭି. କମଳା ଦେବୀ | ଗଞ୍ଜାମ | ୦୬ | ୦୦ |
| ଶ୍ରୀମତୀ ପ୍ରତିମା ପଟ୍ଟନାୟକ | ସୁନ୍ଦରଗଡ଼ | ୦୬ | ୦୦ |
| ଶ୍ରୀମାନ୍ ମହେନ୍ଦ୍ର ଦାସ | ଅହମ୍ମଦାବାଦ୍ | ୦୬ | ୦୦ |
| ଶ୍ରୀମାନ୍ ବାଲ୍ମୀକି ପଟ୍ଟନାୟକ | ଖୋର୍ଦ୍ଧା | ୦୬ | ୦୦ |
| ଶ୍ରୀମାନ୍ ଅମୂଲ୍ୟ ଦୋରା | ଗଞ୍ଜାମ | ୦୫ | ୧୬ |
| ଶ୍ରୀମତୀ ମମତା ଦାସ | ଗଞ୍ଜାମ | ୦୫ | ୦୪ |
| ଶ୍ରୀମତୀ ସାରଦା ବିଷୋୟୀ | ଗଞ୍ଜାମ | ୦୫ | ୦୦ |
| ଶ୍ରୀମତୀ ସୁବାସିନୀ ଦେବୀ | ଖୋର୍ଦ୍ଧା | ୦୫ | ୦୦ |

(କ୍ରମଶଃ...)






ବନମହୋତ୍ସବ ଅବସରରେ ଶ୍ରୁତିନ୍ୟାସର ଆଶ୍ରମ 'ବେଦଧାମ'ରେ ବୃକ୍ଷରୋପଣ




ରାଉରକେଲାର ପତଞ୍ଜଳି ଯୋଗ ସମିତି ପକ୍ଷରୁ ସରସ୍ୱତୀ ଶିଶୁମନ୍ଦିରଠାରେ ଗୁରୁପୂର୍ଣ୍ଣିମା ମହୋତ୍ସବ




ରାଉରକେଲା ପତଞ୍ଜଳି ଯୋଗସମିତି ପକ୍ଷରୁ ସିଭିଲ୍ ଟାଉନ୍‌ଠାରେ ଗୁରୁପୂର୍ଣ୍ଣିମା ମହୋତ୍ସବ




ରାଉରକେଲା ପତଞ୍ଜଳି ଯୋଗସମିତିର କାର୍ଯ୍ୟକର୍ତ୍ତାଙ୍କ ସହ ବୃକ୍ଷରୋପଣ

RNI Regn. No. : ODIODI/2015/65938

₹ 20/- Shruti Sourabha Vol. 4 Issue 5 July - August 2019




କଟକର ପତଞ୍ଜଳି ଯୋଗ ପରିବାର ପକ୍ଷରୁ ବାରବାଟୀ ଷ୍ଟାଡିୟମ୍‌ରେ ଅନ୍ତଃରାଷ୍ଟ୍ରୀୟ ଯୋଗଦିବସ




କଟକର ପତଞ୍ଜଳି ଯୋଗ ପରିବାର ପକ୍ଷରୁ ବାରବାଟୀ ଷ୍ଟାଡିୟମ୍‌ରେ ଅନ୍ତଃରାଷ୍ଟ୍ରୀୟ ଯୋଗଦିବସ



ଭୁବନେଶ୍ୱରସ୍ଥିତ ଏମ୍‌ସ ପକ୍ଷରୁ ଅନ୍ତଃରାଷ୍ଟ୍ରୀୟ ଯୋଗଦିବସ



ଏମ୍‌ସର ନିର୍ଦ୍ଦେଶକଙ୍କୁ ସମ୍ବର୍ଦ୍ଧନା କରୁଛନ୍ତି ସ୍ୱାମୀଜୀ

# Shruti Sourabha

**Spiritual Social Vedic Magazine**
**Bi-Monthly**

**Editor**
**Shruti Sourabha**
Qrs. No. - F/22, Sector - 18
Rourkela - 3, Sundargarh
Odisha - 769003
Mob. : 9861335321

Printed and Published by Swami Sudhananda Saraswati on behalf of "Shrutinyasa"
Printed at : Global Printers, A/19, Rasulgarh Industrial Estate, Bhubaneswar-751010
Published at : Shrutinyasa, HIG-VII-152, PO - Sailashree Vihar, Bhubaneswar - 751021
**Editor : Padmanabha Swain**